## ସଂକ୍ଷେପରେ

### ବ୍ଲକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

**କର୍ଲାମୁଣ୍ଡା,୫।୨(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରୋହିତ ରଣା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସୁଦର୍ଶନ ସାହୁ, ଉଜ୍ଜ୍ୱଳ କୁମାର ସାହୁ, ମନୋଜ କୁମାର ମିଶ୍ର, ପ୍ରସନ୍ନ କୁମାର ସାହୁ, ଗୋପମଣୀ ସାହୁ, ଯୁଗଳ ନାଗ, ପ୍ରତାପ ପ୍ରଧାନ, ମନୋଜ ଦାସ, ସୀମାଞ୍ଚଳ ମାଝୀ, ତୃପ୍ତି ରଞ୍ଜନ ନାଥ, ସଞ୍ଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସଂଘର କାର୍ଯ୍ୟକାଳ ଶେଷ ହେଉଥିବାରୁ ଜିଲା କମିଟିନିର୍ଦ୍ଦେଶ କ୍ରମେ ଆସନ୍ତା ୧୬ରେ ନୂତନ କମିଟି ଗଠନ କାରାଯିବାକୁ ନିଷ୍ପତ୍ତି ନେଇଥିବା ସଂଘ ପକ୍ଷରୁ କୁହାଯାଇଛି।

### ୨ ଭାଇଙ୍କ ପାନ୍‌କାର୍ଡ ଆକାଉଣ୍ଟ ନମ୍ବର ଗୋଟିଏ




**ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୁନାଗଡ ସହରର ୨ ଭାଇଙ୍କ ପାନ କାର୍ଡ ଆକାଉଣ୍ଟ ନମ୍ବର ଗୋଟିଏ ହେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ସେମାନେ ଜାଣି ନ ଥିବାବେଳେ ବ୍ୟାଙ୍କରେ ସିଭିଲ ଚେକ୍ କରିବା ପରେ ଆକାଉଣ୍ଟ ନମ୍ବର ସମାନ ଥିବା ଜାଣିବାକୁ ପାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଜୁନାଗଡ ସହରର କରୁଣାମୟ ସେନାପତି ଓ ତାଙ୍କ ସାନ ଭାଇ କିରଣମୟ ସେନାପତିଙ୍କ କ୍ଷେତ୍ରରେ। ବଡ ଭାଇ କରୁଣା ୨୦୧୩ ମସିହାରେ ପାନ କାର୍ଡ କରିଥିଲେ। ତାଙ୍କର ପାନ ନଂ. ଇଜେଡିଭିପିଏସ୧୯୨୩ଏନ୍ ରହିଥିଲା, ଯାହାକି ତାଙ୍କ କାର୍ଡରୁ ଦେଖିବାକୁ ମିଳିଛି । ସେହିପରି ସାନ ଭାଇ କିରଣମୟ ୪ ବର୍ଷ ପରେ ଅର୍ଥାତ୍ ୨୦୧୭ରେ ପାନ କାର୍ଡ କରିଥିଲେ। ତାଙ୍କ ପାନ ନଂ.ଇଜେଡିଭିପିଏସ୧୯୨୩ଏନ୍ ରହିଥିଲା। ଅନ୍ୟପକ୍ଷରେ ୨ ଭାଇଙ୍କ ଜନ୍ମ ତାରିଖ ଅଲଗା ହୋଇଥିବାବେଳେ ପାନ କାର୍ଡ ମଧ ୪ବର୍ଷ ବ୍ୟବଧାନରେ ୨ଭାଇ କରିଛନ୍ତି। ଏହାସତ୍ତ୍ୱେ ୨ ଭାଇଙ୍କ ପାନ ଆକାଉଣ୍ଟ ନମ୍ବର କେମିତି ସମାନ ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୨୪ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟମିତ ଅଦେଶପତ୍ର ବଣ୍ଟନ

**କର୍ଲାମୁଣ୍ଡା,୫।୨(ପ୍ରଦୀପ କୁମାର ସାହୁ)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ବିଭାଗରେ ୨୪ଜଣ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ନିୟମିତ ହେବା ପରେ ବୁଧବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯାଳୟ ପକ୍ଷରୁ ନିୟମିତ ଆଦେଶ ପତ୍ର ବଣ୍ଟନ କରାଯାଇଛି। ଏବିଇଓ ରାମଚନ୍ଦ୍ରସା, ରୋହିତକୁମାରରଣା, ଗୋପମଣି ସାହୁ, ରେଙ୍ଗାଲିସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ, ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ ଉପସ୍ଥିତ ରହି କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଆଦେଶପତ୍ର ବଣ୍ଟନ କରିଥିଲେ।

# ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ

**ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ବିକଶିତ ଗାଁ ବିକଶିତ ଓଡ଼ିଶା ଶୁଭାରମ୍ଭ ହୋଇଯାଇଛି। ଏହାକୁ ବୁଧବାର ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହି ଯୋଜନା ୫ବର୍ଷ ପାଇଁ କାର୍ଯ୍ୟକାରୀ ହେବା ସହ ରାଜ୍ୟରେ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯିବ। ଏଥିରେ ମୌଳିକ ଭିତ୍ତିଭୂମିର ବିକାଶ, ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ, ଜନ ମଙ୍ଗଳକାରୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟକ୍ଷମ କରିବା ଅନ୍ତର୍ଭୁକ୍ତ। ଏହି ଯୋଜନା କରି ମୁଁ ଆନନ୍ଦିତ। ଜାତିର ଜନକ ମହାତ୍ମାଗାନ୍ଧୀ କହିଥିଲେ ଭାରତର ଆତ୍ମା ଗାଁରେ, ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ, ତେଣୁ ତୃଣମୂଳ ସ୍ତରରେ ସମସ୍ତେ ଏଥିରେ ସାମିଲ ହୋଇ ଗାଁର ଉନ୍ନତି ଓ ବିକାଶରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପିଡି (ଡ୍ରୁଡା) ମୁନୀନ୍ଦ୍ର ହୋନାଗା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ

**ବିକଶିତ ଗାଁ ବିକଶିତ ଓଡିଶାର ଜିଲାସ୍ତରୀୟ କାର୍ଯ୍ୟକ୍ରମ**

କୁମାର ପରିଡ଼ା, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ସନ୍ତୋଷ କୁମାର ବିଶି, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ବିଡିଓ ଚନ୍ଦନ ଭୋଇ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଯୋଗଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡିଶା ଏକ ଯୁଗାନ୍ତକାରୀ ଯୋଜନାର ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳ ପାୱାର ସଚିନ ପ୍ରକାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ।

# ଖାଉଟି ଅଦାଲତରେ ଜିଲା ଶିଳ୍ପକେନ୍ଦ୍ର ଓ ବ୍ୟାଙ୍କ ଶାଖା ପରିଚାଳକ ଦଣ୍ଡିତ

**ନୂଆପଡ଼ା,୫।୨(ମକାରୁ ବେମାଲ)**

ସରକାରୀ ପ୍ରାୟୋଜିତ ଯୋଜନା ଋଣ ପାଇବାରୁ ବଞ୍ଚିତ ଅଭିଯୋଗରେ ଶାଖା ପରିଚାଳକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଖରିଆର ରୋଡ୍ ଓ ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ଖରିଆର ରୋଡ୍ ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଅଭିଯୋଗକାରୀଙ୍କ ଖାତାରେ ଜମା ଟଙ୍କା ଶତକଡ଼ା ବାର୍ଷିକ ୯% ଚକ୍ରବୃଦ୍ଧି ହାରରେ ୪୧ ହଜାର ଟଙ୍କା ପ୍ରଦାନ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ସେହିପରି କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଓ ମକଦ୍ଦମା ଖର୍ଚ୍ଚ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ସୂଚନା ମୁତାବକ ଖରିଆର ରୋଡ୍ ସହର ୱାର୍ଡ ନଂ.୧୧ର ସାବିତ୍ରୀ ସାମଲ ଆନୁଷ୍ଠାନିକ ଉଦ୍ୟୋଗ ବିକାଶ ଓଡ଼ିଶାଙ୍କ ପରିଚାଳିତ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ସମାପ୍ତ କଲା ପରେ ପ୍ରସ୍ତାବିତ ପୋଷାକ ଉତ୍ପାଦନ ଦୋକାନ ଖୋଲିବା ପାଇଁ ଶାଖା ପରିଚାଳକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଖରିଆର ରୋଡ୍‌କୁ ଋଣ ପାଇଁ ଆବେଦନ କରିଥିଲେ । ଶାଖା ପରିଚାଳକଙ୍କ ପରାମର୍ଶକ୍ରମେ ନୂତନ ଭାବରେ ଖୋଲାଯାଇଥିବା ଋଣଖାତାରେ ମାର୍ଜିନ ଟଙ୍କା ରୂପେ ୪୧ ହଜାର ଟଙ୍କା ଜମା କରିଥିଲେ। ଋଣଖାତା ଖୋଲି ମାର୍ଜିନ ଟଙ୍କା ଜମା ଓ ସମସ୍ତ କାଗଜାତ ପ୍ରଦାନ ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ପ୍ରଦାନ କଲେ ନାହିଁ। ଫଳରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଖରିଆର ରୋଡ୍‌କୁ ଅଭିଯୋଗ କରିଥିଲେ। କିନ୍ତୁ ଜିଲା ଶିଳ୍ପକେନ୍ଦ୍ର ଜିଲା ପରିଚାଳକ ଏ ପ୍ରସଙ୍ଗରେ କିଛି ବୁଝିଲେ ନାହିଁ । ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ସମାପ୍ତ ହୋଇ ନାହିଁ, ବ୍ୟାଙ୍କ ଋଣ ଦେଇପାରିବ ନାହିଁ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିବାରୁ ଅଭିଯୋଗକାରୀ ଅସନ୍ତୁଷ୍ଟ ହୋଇ ନ୍ୟାୟ ପାଇଁ ଜିଲା ଆୟୋଗର ଦ୍ୱାରସ୍ଥ ହେଲେ। ଜିଲା ଖାଉଟି ଅଦାଲତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ହଳଧର ପ୍ରଧାନଙ୍କ ଖଣ୍ଡପୀଠ ମାମଲାର ବିଚାରକରି ପ୍ରଧାନମନ୍ତ୍ରୀ ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ (ପିଏମ୍‌ଇଜିପି) ଲାଭାର୍ଥୀଙ୍କ ପାଇଁ ଭାରତ ସରକାରଙ୍କ ଗ୍ୟାରେଣ୍ଟିରେ ପ୍ରଦାନ କରାଯାଉଥିବା ଋଣ ପ୍ରଦାନରେ ସହାୟତା ନ ଯୋଗାଇବା ଓ ଅଭିଯୋଗକାରୀଙ୍କ ଦରଖାସ୍ତକୁ ବ୍ୟାଙ୍କ ମଞ୍ଜୁର ନ କରିବା, ଜିଲା ଶିଳ୍ପକେନ୍ଦ୍ର ସେବାରେ ଅଭାବ ସୃଷ୍ଟି କରିବା ଓ ଶାଖା ପରିଚାଳକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଖରିଆର ରୋଡ୍ ଅବହେଳା ପାଇଁ ଅଦାଲତ ଦାୟୀକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

# ମାଘରେ ଗ୍ରୀଷ୍ମତାତି: ଡାଲିଜାତୀୟ ଫସଲ ପ୍ରଭାବିତ

**ରିଷିଡ଼ା,୫।୨(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅଞ୍ଚଳରେ ମାଘରେ ଗ୍ରୀଷ୍ମ ତାତି ଅନୁଭୂତ ହେଲାଣି। ଫଳରେ ଡାଲି ଜାତୀୟ ଫସଲ ବିଶେଷକରି ହରଡ଼, ମୁଗ, ବିରି, କୋଳଥ ଚାଷ ପ୍ରଭାବିତ ହୋଇଛି। ଜାନୁଆରୀ ଓ ଫେବୃଆରୀରେ ଡାଲିଜାତୀୟ ଗଛରେ ଫୁଲ ଆସିଥାଏ। ହେଲେ ପ୍ରବଳ ଖରା ଯୋଗୁ ଏହି ଫସଲ ଅମଳ କମିବା ଆଶଙ୍କା ରହିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ବ୍ଲକ୍‌ର ଅଧିକାଂଶ ଲୋକ ଧାନଚାଷ ବ୍ୟତୀତ ଡାଲିଜାତୀୟ ଫସଲ କରି ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ ମାଘରେ ହାଡ଼ଭଙ୍ଗା ଶୀତ ପରିବର୍ତ୍ତେ କିଛିଦିନ ହେଲା ଦିନର ତାପମାତ୍ରା ବୃଦ୍ଧି ପାଉଛି। ଏଥିଯୋଗୁ ଡାଲିଜାତୀୟ ଫସଲ ଚାଷ କରିଥିବା କର୍ଲାମୁଣ୍ଡା, ରିଷିଡ଼ା, ଗଜବାହଲ, ପୌରକେଲା, ତେରେସିହା, ରାଜପୁର, ରିଞ୍ଜା, ଯୋରାଡ୍ରବରା, ରେଗେଡା, ସାପଲହରା, ସ-ମାଲପଡ଼ା ଆଦି ଅଞ୍ଚଳର ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି।



ଖରାତାତିରେ ନଷ୍ଟହୋଇଥିବା ଡାଲି ଜାତୀୟ ଫସଲ ଦେଖାଉଛନ୍ତି ଚାଷୀ।

ସୂଚନା ଅନୁସାରେ କଳାହାଣ୍ଡି ଜିଲାରେ ଗତ ୧ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ,୨ରେ ୩୫, ୩ରେ ୩୪.୫ ଓ ୪ରେ ୩୪ ଡିଗ୍ରୀ ରେକର୍ଡ କରାଯାଇଛି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଖଡ଼ିଆଳ,୫।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୁହେଲପଡା ପଲ୍ଲୀ ପ୍ରଗତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ନୂଆପଡ଼ା ଉପଜିଲାପାଳ ତଥା ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯୋଗେନ୍ଦ୍ର ମାଝୀ ମୁଖ୍ୟଅତିଥି, ଡିଏଭି ମହାବିଦ୍ୟାଳୟ ଟିଟିଲାଗଡର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଖଡ଼ିଆଳ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କେଶବ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ରୁଦ୍ର ମାଧବ ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅସିତ ସୁପକାର ସ୍ୱାଗତ ଅଭିଭାଷଣ ଓ ଅଧ୍ୟାପକ ଅମୂଲ୍ୟ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହ୍ୟୁମାନ ସାଗରଙ୍କ ଅର୍କେଷ୍ଟ୍ରା ଦର୍ଶକଙ୍କୁ ବାନ୍ଧିରଖିଲା



ମଞ୍ଚରେ ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

**ଖଡିଆଳ,୫।୨ (ସୁଜିତ କୁମାର ପ୍ରଧାନ)**

**ଖଡିଆଳ ମହୋତ୍ସବ ତୃତୀୟ ସନ୍ଧ୍ୟା**

ନୂଆପଡ଼ା ଜିଲା ଖଡ଼ିଆଳଠାରେ ଚାଲିଥିବା ଖଡ଼ିଆଳ ମହୋତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟିକା ପଦ୍ମପୁର ବର୍ଷା ସିଂ ବରିହା, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକ କଣ୍ଟାବାଞ୍ଜି ଲକ୍ଷ୍ମଣ ବାଗ, ଜିଲାପାଳ ନୂଆପଡା ମଧୁସୂଦନ ଦାସ, ଅଧ୍ୟକ୍ଷା ପଞ୍ଚାୟତ ସମିତି ଖଡ଼ିଆଳ ପୁଷ୍ପାଞ୍ଜଳି ନନ୍ଦ ଯୋଗଦେଇଥିଲେ। ଉପସଭାପତି ଶୁଶାନ୍ତ କୁମାର ତାଣ୍ଡି ଅଧ୍ୟକ୍ଷତା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟ ତରବୋଡ, ଆମାନାରା ଡ୍ୟାନ୍ସ ଗ୍ରୁପ ତରଫରୁ ରାଧାକୃଷ୍ଣ ମିଳନ ପରିବେଷଣ କରାଯାଇଥିଲା। ହ୍ୟୁମାନ ସାଗରଙ୍କ ଅର୍କେଷ୍ଟ୍ରା ଦର୍ଶକଙ୍କୁ ବାନ୍ଧିରଖିଥିଲା।

# ପ୍ରଧାନ ଶିକ୍ଷକ ନିଲମ୍ବିତ, ସହକାରୀ ଶିକ୍ଷକଙ୍କ ଦରମା ବନ୍ଦ

**ଲାଞ୍ଜିଗଡ, ୫।୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସୀମାନ୍ତ ଭବାନୀପାଟଣା ସଦର ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ କଟଲଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବାବେଳେ ଡମି ଶିକ୍ଷକଙ୍କ ଭରସାରେ ସ୍କୁଲ ଚାଲିବା ଘଟଣାରେ ଉଚ୍ଚ କର୍ତ୍ତୃପକ୍ଷ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା୬୮୫/୫।୨।୨୫ରେପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବାବେଳେ ସହକାରୀ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି। ସୂଚନାନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୁଇଜଣ ଶିକ୍ଷକ ନିୟୋଜିତ

**ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବା ଘଟଣା**

ରହି ମଧ୍ୟ ନିୟମିତ ସ୍କୁଲ ଆସୁ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମବାସୀ କହିଥିଲେ ଯେ, ଦୁଇଜଣ ଶିକ୍ଷକ ନିୟୋଜିତ ଥିଲେ ମଧ୍ୟ ମାସକୁ ଦୁଇରୁ ତିନିଦିନ ସ୍କୁଲ ଆସୁଥିଲେ। ଗାଁର ଦଶମ ଶ୍ରେଣୀ ପଢିଥିବା ଜଣେ ଝିଅଙ୍କୁ ପାଠ ପଢାଇବା ଦାୟିତ୍ୱ ଦେଇଥିଲେ। ସମ୍ପୃକ୍ତ ଝିଅଙ୍କୁ ପଚାରିବାରୁ ମତେ ଦୁଇଜଣ ଶିକ୍ଷକ ପିଲାଙ୍କୁ ପାଠ ପଢାଇବା ଦାୟିତ୍ୱ ଦେଇଥିବା ବେଳେ ଦରମା ଭାବେ ମାସକୁ ୪ହଜାର ୫ଶହ ଟଙ୍କା ଦେଉଥିଲେ। ମତେ ଦାୟିତ୍ୱ ଦେଲା ଦିନଠୁ ଶିକ୍ଷକମାନେ ମାସକୁ ଦୁଇରୁ ତିନିଦିନ ଆସନ୍ତି ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଚାରୀ ଶବରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଜାଣି ନ ଥୁଲି, ମୁ ନିଜେ ଏହାର ତଦନ୍ତ କରିବି, ତଦନ୍ତରେ ଯାହା ସତ୍ୟାସତ୍ୟ ଆସିବ ସେହି ଅନୁସାରେ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ। ବୁଧବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶବର ବିଦ୍ୟାଳୟକୁ ଯାଇ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଜାଣିପାରିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଜାଣିବା ପରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ସହକାରୀ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବା ପ୍ରକାଶ କରିଥିଲେ।

## ଭାଜପା ନୂତନ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲରେ ଭାଜପା ପକ୍ଷରୁ ନୂତନ ଜିଲା ସଭାପତି ଯୁଗଳ କିଶୋର ପୋଢଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ଦଳୀୟ ସମସ୍ତ ମୋର୍ଚ୍ଚା ସମେତ ନେତାମାନେ ଯୋଗଦେଇ ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାରେ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଜିଲା ସଭାପତି ସୁନୀଲ ବେହେରା, ଆର୍ତ୍ତତ୍ରାଣ ମହାପାତ୍ର, ଭବେନ୍ଦ୍ର ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଜିଲା ଉପସଭାପତି ପ୍ରଶାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ରିଷ୍ଟ୍ରକ୍ଚରିଂ ବନ୍ଦ ଦାବିରେ ବିଡିଓଙ୍କୁ ଦାବିପତ୍ର

**ଭବାନୀପାଟଣା,୫।୨(ଉତ୍ତମ କୁମାର ଦାଶ)**

ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ କଳାହାଣ୍ଡି ଜିଲା କମିଟି ପକ୍ଷରୁ ମଙ୍ଗଳବାର ରିଷ୍ଟ୍ରକ୍ଚରିଂ ବନ୍ଦ ଓ ସ୍ଥାୟୀ ମାନ୍ୟତା ଦାବିରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ବିଡିଓଙ୍କ ଅନୁପସ୍ଥିତିରେ ମିଶନ ଶକ୍ତିର ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳିକା (ବିପିଏମ୍) ସୋନାଲିସା ମୁଣ୍ଡ ଏହାକୁ ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଏଆଇଟିୟୁସିର ଜିଲା ସମ୍ପାଦକ ସଞ୍ଜୟ ସୁନାନୀ, ଇସି ସଂଘର ବ୍ଲକ୍ ସଭାନେତ୍ରୀ ଅଞ୍ଜୁ ବାଗ, ସମ୍ପାଦିକା ସରିତା ଦାସ, କୋଷାଧ୍ୟକ୍ଷ କବିତା ସାହୁଉପସ୍ଥିତ ଥିଲେ।

# ମିଶନ ଶକ୍ତି ତରଫରୁ ବିଭିନ୍ନ ସ୍ଥାନରେ ସିଧା ପ୍ରସାରଣ ଦେଖିଲେ ଲୋକେ

## ମେଗା ଋଣମେଳା




ଋଣ ଅନୁମୋଦନପତ୍ର ପ୍ରଦାନ କରୁଛନ୍ତି ଜିଲାପାଳ।

**କୋମନା,୫।୨(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମିଶନ ଶକ୍ତି ତରଫରୁ ମେଗା ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ୨୦୦ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ। ସେମାନଙ୍କୁ ୯ ଗୋଟି ବିଭିନ୍ନ ବ୍ୟାଙ୍କରୁ ୭ କୋଟି ୮୬ ଲକ୍ଷ ଟଙ୍କାର ଋଣ ଅନୁମୋଦନ ପତ୍ର ଜିଲାପାଳ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ଏହି ଋଣର ଠିକ୍ ଉପଯୋଗକରି ମହିଳାମାନେ ସାମାଜିକ ଓ ଆର୍ଥିକ ଭାବରେ ସଶକ୍ତ ହୋଇପାରିବେ। ସଭାରେ ଲିଡ୍‌ବ୍ୟାଙ୍କ ମ୍ୟାନେଜର ସୀତାରାମ ସାହୁ, ଜିଲା ପରିଚାଳକ ମିଶନ ଶକ୍ତି ସୁନୀଲ କୁମାର ମଲ୍ଲିକ, କୋମନା ବ୍ଲକ୍ ଏବିଡିଓ ଭକ୍ତବନ୍ଧୁ ବୁଡେକ, ସିଡିପିଓ ବିମଳିନୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ୯ ବ୍ୟାଙ୍କର ପରିଚାଳକ ଉପସ୍ଥିତ ରହି ସହଯୋଗ କରିଥିଲେ।

**ନୂଆପଡା,୫।୨ (ମକାରୁ ବେମାଲ)**

ବିକଶିତ ଗାଁ ବିକଶିତ ଓଡିଶା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ନୂଆପଡା ଜିଲା ସଦର ମହକୁମା ସମେତ କୋମନା, ଖଡିଆଳ, ବୋଡେନ, ସିନାପାଲି ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଜିଲାବାସୀ ଯୋଗଦେଇ ଉପଭୋଗ କରିଛନ୍ତି। ସ୍ଥାନୀୟ ପୋଲିସ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା ଦୀପ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ପୂର୍ବତନ କଳାହାଣ୍ଡିଏମ୍‌ପିବସନ୍ତପଣ୍ଡା, ଭାଜପାଜିଲା ସଭାପତି କମଲେଶ ଦୀକ୍ଷିତ, ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ପାଦକ ସଦାନନ୍ଦ ଯୋଶୀ, ଜିଲା ପରିଷଦ ଅବନୀ ରଞ୍ଜନ ଯୋଶୀଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।




ନୂଆପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଜନସାଧାରଣ।

**କୋକସରା(ଦୁଷ୍ମନ୍ତକୁମାରପାଟ୍ଟଯୋଷୀ)** କଳାହାଣ୍ଡି ଜିଲା କୋକସରା ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ଉପସ୍ଥିତ ଥିଲେ। କୋକସରା ବିଡିଓ ଡ଼. ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ନୂତନ ଯୋଜନା ବିଷୟରେ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। କୋକସରା ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର ସମେତ ଭାଜପାର ଜିଲା ପ୍ରତିନିଧି ଦୁର୍ଗା ପ୍ରଧାନୀ, ବ୍ଲକର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଯୋଗାଣ ଅଧିକାରୀଉପସ୍ଥିତ ରହି ସହଯୋଗ କରିଥିଲେ।

**ଗୋଲାମୁଣ୍ଡା/କେଗାଁ, (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି):** ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭ ଉଦ୍‌ଘାଟନ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରକମଳରେ ଖୋର୍ଦ୍ଧା ଜିଲାର ଜଙ୍କିଆଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା ବ୍ଲକ ପରିସରରେ ଏହାର ସିଧା ପ୍ରସାରଣ ୱେବସାଇଟ ଓ ଲାଇଭ ଟିଭି ଚ୍ୟାନେଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସାଂସଦଙ୍କ ପ୍ରତିନିଧି ପବିତ୍ର ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ, ସରିତା ମାଝୀ, ଜୟସେନ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ତହସିଲଦାର ଚନ୍ଦନ କୁମାର ନାୟକ, ଭାଜପା ବ୍ଲକ ସଭାପତି ପ୍ରଦୀପ ପଣ୍ଡା, ଗୋଲାମୁଣ୍ଡା ବିଡ଼ିଓ ଶ୍ରୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଜଣାଇବା ପାଇଁ ଗୋଲାମୁଣ୍ଡା ବ୍ଲକରେ ବ୍ୟବସ୍ଥା କରାଯାଇଥିଲା। ଏଥିରେ ବ୍ଲକର ୨୮ଗ୍ରାମପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଯୋଗଦେଇଥିଲେ।

**କଲମପୁର (ଗଣେଶରାମ ବାଗ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ଖୋର୍ଦ୍ଧାଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଲୋକାର୍ପଣ କରିଛନ୍ତି। ନୂଆ ସରକାର ଏହି ଯୋଜନାରେ ୫ବର୍ଷ ପାଇଁ ୫କୋଟି ଖର୍ଚ୍ଚ କରାଯିବା ଲାଗି ଲକ୍ଷ୍ୟ ରଖିଛନ୍ତି। ପ୍ରତିବର୍ଷ ଗ୍ରାମର ଉନ୍ନତୀକରଣ ପାଇଁ ୧କୋଟିଟଙ୍କା ଖର୍ଚ୍ଚକରାଯିବା ବିଷୟରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ କଲମପୁର ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୧ଗୋଟି ପଞ୍ଚାୟତର ସରପଞ୍ଚ, ସମିତି

**ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ**

ସଭ୍ୟ, ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ ମିତ୍ର, ଇସି ସଭ୍ୟା, ମହିଳା ଗୋଷ୍ଠୀ ସଦସ୍ୟା, ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ବେଳେ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ):** ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ବୁଧବାର ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାଠାରେ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ଅଞ୍ଜଳି ମାଝୀ, ପରିକ୍ଷିତ ନାଏକ, ସିଡ଼ିପିଓ ବିଜୟଶ୍ରୀ ସିଂ, ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପାରାଫିନ ବୋଝେଇ ଟ୍ୟାଙ୍କରରେ ନିଆଁ




**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ନିକଟ ବିକାଶ ସ୍କୁଲ ଛକ ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ପାରାଫିନ ବୋଝେଇ ଏକ ଟ୍ୟାଙ୍କରରେ ଅଗ୍ନିକାଣ୍ଡ ଘଟିଥିଲା। ଟ୍ୟାଙ୍କରରେ ନିଆଁ ଲାଗିବାରୁ ସମ୍ପୃକ୍ତ ଅଞ୍ଚଳ ଧୂଆଁମୟ ହୋଇ ପଡ଼ିଥିଲା। କୌଶଳକ୍ରମେ ଟ୍ୟାଙ୍କରରୁ ଡ୍ରାଇଭର ଓହ୍ଲାଇ ଯାଇଥିଲେ। ସେହିପରି ବିକାଶ ହସ୍ପିଟାଲରେ ନିୟୋଜିତ ସୁରକ୍ଷା କର୍ମଚାରୀ ଏବଂ ବରଗଡ଼ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପାରାଫିନ ଏକ ଦହନଶୀଳ ପଦାର୍ଥ ହୋଇଥିବାରୁ ବିକାଶ ହସ୍ପିଟାଲର ସୁରକ୍ଷା କର୍ମଚାରୀ ଏବଂ ଅଗ୍ନିଶମ କେନ୍ଦ୍ରର କର୍ମଚାରୀଙ୍କ ଉଦ୍ୟମରୁ ୫୩ନମ୍ବର ଜାତୀୟ ରାଜପଥ ଉପରେ ଏକ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇଛି। ଟ୍ୟାଙ୍କରଟି ସୁରଟରୁ ଗଞ୍ଜାମ ଯାଉଥିବା ଜଣାପଡ଼ିଛି।

### ଷ୍ଟୋଭ୍ ଫାଟି ଜଣେ ମୃତ

**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ପୁରୁଣା ମାଉସୀ ମନ୍ଦିର ପାଖ ବସ୍ତିରେ ବୁଧବାର ଷ୍ଟୋଭ ଫାଟି ଯିବାରୁ ଜଣେ ବିଧବା ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ, ଚୁମକି ଭୁଏ(୩୧)। ଦିନବେଳା ଚୁମକି ରୋଷେଇ କରୁଥିବାବେଳେ ଷ୍ଟୋଭ ଫାଟି ଯାଇଥିଲା। ତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଲୋକ ପହଞ୍ଚିଥିଲେ। ଚୁମକିଙ୍କୁ ଉଦ୍ଧାର କରାଯାଇ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣାଯାଇଥିଲା। ସେଠାରୁ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲାରୁ ଚୁମକିଙ୍କୁ ରାଉରକେଲା ଇସ୍ପାତ ଡାକ୍ତରଖାନା ବର୍ଣ୍ଣ ୟୁନିଟ୍‌କୁ ସ୍ଥାନାନ୍ତର କରାଯାଉଥିଲା। କିନ୍ତୁ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶଥାଉକି, କିଛିବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ମୃତ ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା। ଏହି ଦମ୍ପତିଙ୍କ ମୃତ୍ୟୁପରେ ତାଙ୍କ ଝିଅ, ପୁଅ ଅସହାୟ ହୋଇ ପଡ଼ିଛନ୍ତି। ପ୍ରଶାସନ ଏମାନଙ୍କ ଥଇଥାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ଛାତ୍ର କରଣ ସାହୁ ସମ୍ବର୍ଦ୍ଧିତ

**ପଦ୍ମପୁର,୫ା୨(ପ୍ରଦୀପ୍ତ ଦାଶ):** ଆଜି ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ପରେଡରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଯୋଗଦାନ କରି ଫେରିଥିବା ସ୍ନାତକ ଛାତ୍ର କରଣ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏନଏସଏସ. ପ୍ରୋଗ୍ରାମ ଅଧିକାରୀ ସଞ୍ଜୟ ଡିଗଗା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନଙ୍କ ତରଫରୁ ବାଣିଜ୍ୟ ଛାତ୍ର ବୀର ଶର୍ମା କରଣ ସାହୁଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଥଳାବାଲାଙ୍କୁ ଅନୁକମ୍ପା, ଗରିବଙ୍କୁ ଉଚ୍ଛେଦ ମସୁଧା

**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ)**


ଅମ୍ବାପାଲି ଛକରେ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉଚ୍ଛେଦ ନେଇ ଦୋକାନୀଙ୍କୁ ସୂଚନା ଦେଉଛନ୍ତି।

ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ବରଗଡ଼ ସବୁବେଳେ ଚର୍ଚ୍ଚାର ବିଷୟ ହୋଇ ପଡ଼ିଛି। ଏଠାରେ ଉଚ୍ଚ ନ୍ୟାୟାଳୟର ବାରମ୍ବାର ଆଦେଶ ସତ୍ତ୍ୱେ ରାସ୍ତାପାର୍ଶ୍ୱ ଜବରଦଖଲକାରୀଙ୍କୁ ହଟାଯାଉ ନାହିଁ, ଅନ୍ୟପଟେ ଗରିବ ଠେଲା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ଆଗଭର ହୋଇ ଆସୁଥିବା ଅଭିଯୋଗ ହେଉଛି। ଏଯାଏ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ବରଗଡ଼ ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ କରିବାରେ ଅସହାୟ ହୋଇ ପଡ଼ିଥିବା ପ୍ରଶାସନ ବୁଧବାର ଅମ୍ବାପାଲି ଛକକୁ ପହଞ୍ଚି ସେଠାରେ ରହିଥିବା ଚା, ହୋଟେଲ, ପାନ ଦୋକାନକୁ ଉଚ୍ଛେଦ ପାଇଁ ପହଞ୍ଚିଥିଲା। ତେବେ ଜବରଦଖଲରେ ଥଳାବାଲାଙ୍କୁ ଅନୁକମ୍ପା ଏବଂ ଗରିବଙ୍କୁ ଉଚ୍ଛେଦରେ ପ୍ରଶାସନର ସେଭଳି ଆଭିମୁଖ୍ୟ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ସହରବାସୀଙ୍କ ଦୀର୍ଘବର୍ଷର ଦାବି ହୋଇ ରହିଛି। ସହରବାସୀ ଏକଜୁଟ୍ ହୋଇ ଉକ୍ତ ସ୍ଥାନରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଜିଲା ଓକିଲ ସଂଘ ଏବଂ ସମଲେଶ୍ୱରୀ ସଂଘର ନେତୃତ୍ୱରେ ଦୃଢ଼ ଦାବି କରିଥିଲେ। ୨୦୨୩ରେ ଜିଲା ପ୍ରଶାସନର ଉଚ୍ଛେଦ ପାଇଁ ଆଗେଇ ଆସିଥିଲା। କିନ୍ତୁ ଉଚ୍ଛେଦରେ ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ତାହା ଅଧାରେ ଅଟକି ଯାଇଥିଲା।

ଅନ୍ୟପଟେ ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ସ୍ଥାନରେ ଜବର ଦଖଲ ଉଚ୍ଛେଦ ସପକ୍ଷରେ ଇତିମଧ୍ୟରେ ୨ଥର ରାୟ ଦେଇ ସାରିଲେଣି। ଏହାସତ୍ତ୍ୱେ ପ୍ରଶାସନ ସେହି ଜବରଦଖଲ ସ୍ଥାନକୁ ଉଚ୍ଛେଦ କରିବାକୁ ସାହାସ ଜୁଟାଇ ପାରୁନାହିଁ। କିନ୍ତୁ ସରକାରୀ ଜମିରେ ଗରିବ ଲୋକ ରହିବା ପାଇଁ ଘର କିମ୍ବା ପରିବାର ପୋଷଣ ପାଇଁ ଠେଲା ଦୋକାନ ଦେଇଥିଲେ, ସେହି ସ୍ଥାନକୁ ଉଚ୍ଛେଦ ପାଇଁ ପୋଲିସ, ପ୍ରଶାସନ ଆଗେଇ ଆସୁଥିବାକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି।

ଗତ ଧନୁଯାତ୍ରା ମହୋତ୍ସବର ଅବ୍ୟବହିତ ପୂର୍ବରୁ ଜୀରାନଦୀ କୂଳ ପାଖରେ ରହିଥିବା ଅମ୍ବାପାଲିର ଜଣେ

**ଅମ୍ବାପାଲି ଛକରେ ଉଚ୍ଛେଦ ଯୋଜନା**
- ଆଗ ଥଇଥାନ, ପଛେ ଉଚ୍ଛେଦ
- ୩ମାସ ସମୟ ଦିଆଯାଉ

ଗରିବ ବୃଦ୍ଧାଙ୍କ ଘରକୁ ଉଚ୍ଛେଦ କରିବାକୁ ପୌର ପ୍ରଶାସନ ପୂରାଦମ୍‌ରେ ଲାଗି ପଡ଼ିଥିଲା। ବୋଲଡ଼ୋଜର ଲଗାଇ ଘରର କିଛି ଅଂଶକୁ ଭଙ୍ଗା ବି ଯାଇଥିଲା। କିନ୍ତୁ ସମ୍ପୃକ୍ତ ବୃଦ୍ଧା ବୋଲଡ଼ୋଜର ଉପରକୁ ଚଢ଼ିଯାଇ ଥିବାବେଳେ ପଡ଼ାବାସୀ ଦୃଢ଼ ବିରୋଧ କରିବାରୁ ଶେଷରେ ପୋଲିସ, ପୌର ପ୍ରଶାସନକୁ ନିରାଶରେ ଫେରିବାକୁ ପଡ଼ିଥିଲା। ତେବେ ଉକ୍ତ ଘଟଣାକୁ ୨ମାସ ପୂରି ନଥିବାବେଳେ ଅମ୍ବାପାଲି ଛକରେ ରହିଥିବା କିଛି ଦୋକାନକୁ ଉଚ୍ଛେଦ କରିବା ପାଇଁ ପୁରି ମସୁଧା ଚାଲିଥିବାବେଳେ ଏହାକୁ ନେଇ ଚାପା ଅସନ୍ତୋଷ ଦେଖାଯାଇଛି।

ବୁଧବାର ପୂର୍ବାହ୍ନରେ ବରଗଡ଼ ତହସିଲଦାରଙ୍କ ସମେତ କିଛି ବିଭାଗୀୟ କର୍ମଚାରୀ ଏବଂ ପୋଲିସ ସହିତ ଅମ୍ବାପାଲି ଛକକୁ ପହଞ୍ଚିଥିଲେ। ସେଠାରେ ରହିଥିବା ୩ଦୋକାନ ଅର୍ଥାତ୍ ଛୋଟିଆ ହୋଟେଲ, ଚା, ପାନ ଦୋକାନକୁ ଚିହ୍ନଟ କରି ଦୋକାନ ଖାଲିବା ପାଇଁ ସମ୍ପୃକ୍ତ ଦୋକାନୀଙ୍କୁ କହିଥିଲେ। ସେଠାରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବସିବ, ସେଥିପାଇଁ ସମ୍ପୃକ୍ତ ସ୍ଥାନ ଉଚ୍ଛେଦ ହେବ ବୋଲି ସମ୍ପୃକ୍ତ ଦୋକାନୀଙ୍କୁ ସେମାନେ ସୂଚନା ଦେଇ ଗୁରୁବାର ସନ୍ଧ୍ୟା ସୁଦ୍ଧା ଦୋକାନ ଖାଲି କରିବାକୁ ମୌଖିକଭାବେ ନିର୍ଦ୍ଦେଶ ଦେଇଥିଲେ। ତେବେ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ କରାଯାଉ ଏବଂ ଅତିକମ୍‌ରେ ୩ମାସ ସମୟ ଦିଆଯାଉ ବୋଲି ଦୋକାନୀମାନେ ନିବେଦନ କରିଥିଲେ। କିନ୍ତୁ ସେଥିରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ରାଜି ହୋଇ ନଥିଲେ ଏବଂ ଗୁରୁବାର ସୁଦ୍ଧା ଦୋକାନ ଖାଲି କରିବାକୁ କହି ଚାଲି ଯାଇଥିଲେ ବୋଲି ସମ୍ପୃକ୍ତ ଦୋକାନୀମାନେ କହିଛନ୍ତି।

ଜଣେ ଦୋକାନୀ ପରମେଶ୍ୱର ପାଣିଗ୍ରାହୀ କହିଛନ୍ତି, ଉଚ୍ଛେଦ ନେଇ କିଛି ଲିଖିତ ନୋଟିସ୍ ମିଳି ନାହିଁ। ୩ମାସ ସମୟ ମାଗିଲୁ, ସେଥିରେ ବି କେହି ରାଜି ହେଲେ ନାହିଁ। ଟ୍ରାନ୍ସଫର୍ମର ବସିବ ବୋଲି ସେମାନେ କହୁଛନ୍ତି, ହେଲେ ଏଭଳି ଛକ ସ୍ଥାନରେ ଟ୍ରାନ୍ସଫର୍ମର ବସିବା ଉଚିତ୍ କି ବୋଲି ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି। ଯଦି ଉଚ୍ଛେଦ କରୁଛନ୍ତି, ସମସ୍ତଙ୍କ ଜବରଦଖଲ ଉଚ୍ଛେଦ କରନ୍ତୁ, ଆମର କେବଳ ୨/୩ଜଣ ଦୋକାନୀଙ୍କୁ କାହିଁକି ଉଚ୍ଛେଦ କରିବାକୁ ପ୍ରଶାସନ ତତ୍ପର ହେଉଛି, ତାହା ଆମେ ବୁଝି ପାରୁ ନାହୁଁ ବୋଲି ସେ କହିଛନ୍ତି। ସେହିପରି ଅନ୍ୟଜଣେ ଦୋକାନୀ ଅଶୋକ ପାଣ୍ଡେ କହିଛନ୍ତି, ଏକ ଛୋଟିଆ ହୋଟେଲ ଦେଇଛି, ସେଥିରୁ ପରିବାର ଗୁଜୁରାଣ ମେଣ୍ଟାଉଛୁ। କିନ୍ତୁ ଆମ ଭଳି ଗରିବ ଲୋକଙ୍କୁ ଉଚ୍ଛେଦ କରିବାକୁ ପ୍ରଶାସନ ଚାହୁଁଛି, ଦୀର୍ଘଦିନ ହେଲା ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ କାହିଁକି ହେଉ ନାହିଁ ବୋଲି ପାଣ୍ଡେ ପ୍ରଶ୍ନ କରିଛନ୍ତି ଏବଂ ଆଗ ଥଇଥାନ କରି ତାଙ୍କୁ ସେଠାରୁ ଉଚ୍ଛେଦ କରାଯାଉ ବୋଲି ସେ ଦାବି କରିଛନ୍ତି।

### ରାଣାପ୍ରତାପ ସ୍କୁଲରୁ ଚୋରି ରାତିରେ ପାଟ୍ରୋଲିଂ ଦାବି

**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ)–** ବରଗଡ଼ ରାଣାପ୍ରତାପ ସ୍କୁଲରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍କୁଲର ରୋଷେଇ ଘର, ଷ୍ଟୋର ରୁମ୍, ସାଇନ୍ସ ଲାବୋରାଟୋରୀର ତାଲା ଭାଙ୍ଗି ମଧ୍ୟାହ୍ନ ଭୋଜନ ପାଇଁ ରହିଥିବା ଚାଉଳ, ବାସନକୁସନ ସାମଗ୍ରୀ ଆଦି ଚୋରି କରି ନେଇଛନ୍ତି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଉକ୍ତ ସ୍କୁଲ ପଛପଟ ପଡ଼ିଆରେ ରାତିରେ ନିଶାଖୋର ଲୋକ ଆଡ୍ଡା ଜମାଉଛନ୍ତି। ଫଳରେ ଚୋରିରେ ସେମାନଙ୍କ ସମ୍ପୃକ୍ତି ରହିଥିବା ଆଶଙ୍କା କରାଯାଉଛି। ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ ସହିତ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ କରିବାକୁ ସ୍କୁଲର ଅଭିଭାବକ ସଂଘ ଦାବି କରିଛି।

### ବରଗଡ଼ରେ ନୂଆଁ ଡିଇଓଙ୍କ ଯୋଗଦାନ

**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ବୁଧବାର ନୂଆଁ ଡିଇଓ ଭାବେ ବିଶ୍ୱନାଥ ସାହୁ ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ମାଲକାନଗିରି ଡିଇଓ ଭାବେ କାର୍ଯ୍ୟରତ ଥିଲେ। ତେବେ ନୂଆଁ ଡିଇଓ ସାହୁ ଯୋଗଦେବା ଅବସରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସମେତ ଜିଲା ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହିତ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସେହିପରି ବିଭିନ୍ନ ଶିକ୍ଷକ ସଂଗଠନର ସଦସ୍ୟବୃନ୍ଦ ମଧ୍ୟ ଭେଟି ନୂଆ ଡିଇଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସମସ୍ୟା ନେଇ ତାତିଲେ ଚାଷୀ, ୨୧ରେ ଆନ୍ଦୋଳନ

**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ)**


ବୈଠକରେ ଯୋଗ ଦେଇଥିବା ଚାଷୀ ପ୍ରତିନିଧିବୃନ୍ଦ।

ବରଗଡ଼ ଜିଲା ଭଟଲି ବଜାର ପ୍ରାଙ୍ଗଣରେ ବୁଧବାର ଚାଷୀ ସଙ୍ଗଠନ ଜୟ କିସାନ ଆନ୍ଦୋଳନର ବ୍ଲକସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ ସମସ୍ୟା, ଧାନ ମଣ୍ଡି ବ୍ୟବସ୍ଥାରେ ମିଲର୍ସଙ୍କ ଭୂମିକା ଏବଂ ସାର କଳାବଜାର ଉପରେ ଆଲୋଚନା ହୋଇଥିଲା। ଏହି ସମସ୍ୟା ନେଇ ଆସନ୍ତା ୨୧ତାରିଖ ବ୍ଲକସ୍ତରୀୟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ସମସ୍ୟା ନେଇ ସେହିଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଟଲି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା।

ବୈଠକରେ ଚାଷୀନେତାମାନେ ଯୋଗଦେଇ କହିଥିଲେ, ଗତ ୨୦୨୨–୨୩ ଆର୍ଥିକ ବର୍ଷରୁ ବଦ୍ୟୁତ କ୍ଷେତ୍ର ଟାଟା କମ୍ପାନୀକୁ ଦେବା ପରେ କମ୍ପାନୀ ବିଭିନ୍ନ

**ବିଦ୍ୟୁତ ସମସ୍ୟା, ମିଲର୍ସଙ୍କ ଭୂମିକା ଏବଂ ସାର କଳାବଜାର**

ଆଳରେ ଶୋଷଣ କରୁଛି। ଏହାର ପ୍ରତିବାଦରେ ବାରମ୍ବାର ଆନ୍ଦୋଳନ କରାଯାଉଛି। ଗତ ସାଧାରଣ ନିର୍ବାଚନରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ନିର୍ବାଚନୀ ପ୍ରଚାର ସମୟରେ ରାଜନୈତିକ ଦଳ ଗୁଡ଼ିକ ବିଦ୍ୟୁତ୍ ଛାଡ଼କୁ ନିର୍ବାଚନୀ ପ୍ରସଙ୍ଗ ରଖିଥିଲେ। କିନ୍ତୁ ଏ ଯାଏ ସରକାର କୃଷିକ୍ଷେତ୍ରରେ ବିଦ୍ୟୁତ ଛାଡ଼, ୩୦୦ୟୁନିଟ୍ ମାଗଣା ବିଦ୍ୟୁତ୍ ଧୂଆଁବାଣ ପାଲଟିଯାଇଛି। ସରକାର ବିଦ୍ୟୁତ କ୍ଷେତ୍ରକୁ ଘରୋଇକରଣ କରା ନଯାଇ କୃଷିକ୍ଷେତ୍ରରେ ବିଦ୍ୟୁତ ଛାଡ଼, ପ୍ରତି ପରିବାରକୁ ମାସିକ ୩୦୦ୟୁନିଟ୍ ମାଗଣା ବିଦ୍ୟୁତ ଯୋଗାଇ ଦେବାକୁ ବୈଠକରେ ଦାବି ହୋଇଥିଲା।

ସେହିପରି ଧାନ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ବୃଦ୍ଧି ପାଇଥିଲେ ହେଁ ଅବ୍ୟବସ୍ଥିତ ମଣ୍ଡି, କଟନୀଛଟନୀ, ମିଲର୍ସଙ୍କ ସ୍ୱେଚ୍ଛାଚାରିତା ଏବଂ ମଣ୍ଡିରେ ଦଲାଲଙ୍କ ଦୌରାତ୍ମ୍ୟ ଯୋଗୁ ଚାଷୀମାନଙ୍କୁ କ୍ଷତି ସହିବାକୁ ପଡ଼ିଛି ବୋଲି ଚାଷୀନେତାମାନେ କହିଥିଲେ। ଫଳରେ ଉପରୋକ୍ତ ଦାବିକୁ ନେଇ ଆନ୍ଦୋଳନ ପାଇଁ ସଙ୍ଗଠନ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଥିଲା। ଜୟ କିସାନ ଆନ୍ଦୋଳନର ଭଟଲି ବ୍ଲକ ସମ୍ପାଦକ ମିନିଷ୍ଟର ବାରିକ ବୈଠକ ସଂଯୋଜନା କରିଥିଲେ। ସଂଗଠନର ଜିଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁଙ୍କ ସମେତ ଜନ୍ମେଜୟ ଠାକୁର, ଅକ୍ଷୟ ପ୍ରଧାନ, ହମିଦ ପ୍ରଧାନ, ଆଶିଷ ମାଝି, ବିଜୟ ପ୍ରଧାନ, ସୁମନ୍ତ ସାହୁ, କପିଳାସ ଭୋଇଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଜଣେ ଛାତ୍ରଙ୍କୁ ଉପହାର ପ୍ରଦାନ କରାଯାଉଛି।

# ସଂସ୍କାର ସ୍କୁଲରେ ବିଦାୟ ୱାନୱାୟ କାର୍ଯ୍ୟକ୍ରମ

**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାସନାଲ ସ୍କୁଲରେ ମଙ୍ଗଳବାର ବିଦାୟ ୱାନୱାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇ ରାମ୍ପ ଶୋ ପ୍ରଦର୍ଶନ କରିଥିଲେ। ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱାଡ଼ିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରିଥିଲେ। ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡିଆ, ଭାଇସ୍ ଚେୟାରମ୍ୟାନ ବବିତା ସାୱାଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱାଡ଼ିଆ, ମେଘା ସାୱାଡ଼ିଆ, ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ, କୋଅର୍ଡ଼ିନେଟର ମମତା ସିହ୍ନା, ରୀତା ନାୟକଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଛାତ୍ରୀମାନେ ଶାଢ଼ି ଏବଂ ଛାତ୍ରମାନେ ସୁଟ୍ ପରିଧାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗ୍ରୁପସଙ୍ଗ, ଟ୍ରୁଥ୍ ଆଣ୍ଡ୍ ଡେୟାର୍, ବେଲୁନ ବର୍ଷ୍ଟ, ଆଙ୍କ୍ଟି ଆଦି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା।

# ମୃତକଙ୍କ ପରିବାରକୁ ଭେଟିଲେ ଭାଜପା କର୍ମକର୍ତ୍ତା

**ପଦ୍ମପୁର,୫ା୨(ପ୍ରଦୀପ୍ତ ଦାଶ)**

**ବାଇକ୍ ଦୁର୍ଘଟଣାରେ ୩ ମୃତ୍ୟୁ ଘଟଣା**

ପଦ୍ମପୁର ଉପଖଣ୍ଡ ବାଞ୍ଜେନମୁଣ୍ଡା ଗାଁର ପଦ୍ମନ ଥପା, ଜଗଦୀଶ ଥପା ଏବଂ ଆକାଶ ପୋଢ କ୍ରିକେଟ ଟୁର୍ନାମେଣ୍ଟ ଦେଖି ଗୋଟିଏ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ମହୁଲପାଲି ଗ୍ରାମ ବ୍ରିଜଠାରେ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ୬ ଦିନ ବିତିଥିବା ବେଳେ ଅସହାୟ ହୋଇ ପଡ଼ିଥିବା ମୃତକଙ୍କ ପରିବାରବର୍ଗଙ୍କ ପାଖରେ ପହଞ୍ଚିପାରି ନାହିଁ ସ୍ଥାନୀୟ ପ୍ରଶାସନ। ବୁଧବାର ଭାଜପାର ପଦ୍ମପୁର ନିର୍ବାଚନମଣ୍ଡଳୀର ଯୁବନେତା ପ୍ରୀତେଶ ବହିଦାର ଓ ବରିଷ୍ଠ ନେତା ଡ. ଶ୍ରୀକାନ୍ତ ପାଣିଗ୍ରାହୀ, କେତନ ମେହେର, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, କଂସର ସରପଞ୍ଚ ଆନନ୍ଦ ବେହେରା,ପଦ୍ମପୁର ନଗରର କାଉନସିଲର କୁନାଲ ପାଣିଗ୍ରାହୀ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ଆର୍ଥିକ ସହଯୋଗ କରିଛନ୍ତି। ପଦ୍ମପୁର ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟି ସରକାରୀ ଅନୁକମ୍ପାମୂଳକ ସହଯୋଗ ପ୍ରଦାନ କରାଯିବା ପାଇଁ ଆଲୋଚନା କରିଛନ୍ତି। ସେହିପରି ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ ମଧ୍ୟ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ

**ବରଗଡ଼,୫ା୨(ପ୍ରେମାନନ୍ଦ ଖମାରୀ)**



ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଜ୍ୟରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଗ୍ରାମୀଣ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ତଥା ଗ୍ରାମୀଣ ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ଗାଁର ଭିତ୍ତିଭୂମି ବିକାଶ ପାଇଁ ବର୍ଷକୁ ହଜାର କୋଟି ଟଙ୍କା ଲେଖାଏଁ, ପାଞ୍ଚ ବର୍ଷରେ ମୋଟ ପାଞ୍ଚ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଗାଁର ବିକାଶ ପାଇଁ ଆବଶ୍ୟକ ପ୍ରକଳ୍ପ ଗୁଡ଼ିକୁ ଗ୍ରାମ ସଭାରେ ହିଁ ସ୍ଥିର କରାଯିବ। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲାର ସମସ୍ତ ବ୍ଲକ ଆଭାସୀ ମାଧ୍ୟମରେ ଯୋଡ଼ି ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣରେ ସାମିଲ ହୋଇଥିଲେ। ଜିଲା ମୁଖ୍ୟାଳୟସ୍ଥିତ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହାଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ପୌରାଧ୍ୟକ୍ଷା କଳ୍ପନା ମାଝୀ ଏବଂ କଂସ ମହାରାଜ ଅଭିନେତା ଭୁବନେଶ୍ୱର ପ୍ରଧାନ ଉପସ୍ଥିତ ରହି ଏହି ଯୋଜନା ମାଧ୍ୟମରେ ପ୍ରତି ଗାଁରେ ଭଲ ରାସ୍ତା, ଡ୍ରେନ, ପାଠାଗାର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ୍, ମାର୍କେଟ ସେଡ, ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ଆଦି ନିର୍ମାଣ କରାଯିବା ସହ ଧାର୍ମିକ ପୀଠ, ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀ, ଶିକ୍ଷା ତଥା କ୍ରୀଡା ଭିତ୍ତିଭୂମି ଆଦିର ବିକାଶ ମଧ୍ୟ କରାଯିବ ବୋଲି କହିଥିଲେ। ଏହି ଅବସରରେ କଂସ ମହାରଜ ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ରୂପେ ଗଢ଼ି ତୋଳିବା ପାଇଁ ଏହି ନୂତନ ଯୋଜନାର ଆବଶ୍ୟକତା ରହିଛି ବୋଲି ଦୃଢ଼ତା ପ୍ରକାଶ କରିବା ସହିତ ଏଥିପାଇଁ ଜିଲାର ସମସ୍ତ ଅଧିକାରୀ ଏବଂ ଜନସାଧାରଣ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବୋଧନ ସାଂସ୍କୃତିକ ସଂଗଠନ, ତୋରାର କଳାକାରମାନେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକ ନୃତ୍ୟ ମାଧ୍ୟମରେ ସଚେତନ କରିଥିଲେ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଗାଇସିଲେଟ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବିଡିଓ ଲକ୍ଷ୍ମଣ ମାଝୀ. ଏବିଡିଓ ଭୀଷ୍ମ ମାଝୀ, ଜିପିଇଓ ପାଣ୍ଡବ ନନ୍ଦ ପ୍ରମୁଖ ଯାଗ ଦେଇଥିଲେ।

**ପଦ୍ମପୁର(ପ୍ରଦୀପ୍ତ ଦାଶ):** ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଶୋକ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାନସଭା ବିଧାୟକ ପ୍ରାର୍ଥୀ ତଥା ଆଦିବାସୀ ମୋର୍ଚ୍ଚା ବରିଷ୍ଠ ନେତା ଗୋବର୍ଦ୍ଧନ ଭୋଏ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଡିଓ ସରୋଜା ବେହେରା ଅଧ୍ୟକ୍ଷତା କରିଥିଲେ।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଏହି କାର୍ଯ୍ୟକ୍ରମରେ ଝାରବନ୍ଧ ତହସିଲଦାର, ସମସ୍ତ ସରପଞ୍ଚ,ସମିତି ସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଗଦାନ କରିଥିଲେ।

# ପେଟ୍ରୋଲ ପମ୍ପରେ ମାପରେ ଠକେଇ

**ସରଣ୍ଡା,୫ା୨(ଯୁଧିଷ୍ଠିର ମହାପାତ୍ର)**


ଅତାବିରା କୋଶଳ ଫ୍ୟୁଏଲ୍ସ ପେଟ୍ରୋଲ ପମ୍ପରେ ସମସ୍ତଙ୍କ ଉପସ୍ଥିତିରେ ମାପର ଯାଞ୍ଚ କରାଯାଉଛି।

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ପାତ୍ର ପେଟ୍ରୋଲ ପମ୍ପ୍ ନାମରେ ପରିଚିତ କୋଶଳ ଫ୍ୟୁଏଲ୍ସ୍‌ରେ ମଙ୍ଗଳବାର ରାତିରେ ପେଟ୍ରୋଲ ମାପରେ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପେଟ୍ରୋଲ ପମ୍ପ୍ ସିଲ୍ କରିବାକୁ ଦାବି କରି ଉକ୍ତ ସ୍ଥାନରେ ଲୋକମାନେ ହୋହଲ୍ଲା କରିଥିଲେ। ବୁଧବାର ପମ୍ପରେ ବିଭାଗୀୟ ଅଧିକାରୀ ପହଞ୍ଚି ତେଲର ଓଜନ ଯାଞ୍ଚ କରିଛନ୍ତି। ପେଟ୍ରୋଲ ପମ୍ପ୍ ମେଶିନକୁ ଯାଞ୍ଚ କରିବା ଯାଏ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଗୌଡ଼ଟିକ୍ରାର ଏମ୍. ସୁବାକର ପ୍ରତିଦିନ ଗାଡ଼ିରେ ଉକ୍ତ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଭର୍ତ୍ତି କରୁଥିଲେ। ସେ ଶହେ ଟଙ୍କାର ତେଲ ଭର୍ତ୍ତି କରୁଥିଲେ ବି ଗାଡି ୧୦ କିଲୋମିଟର ଯାଇ ବନ୍ଦ ହୋଇଯାଉଥିଲା। ଏହା ପରେ ସୁବାକର ଗତ ମଙ୍ଗଳବାର ସବୁ ଦିନ ଭଳି ଶହେ ଟଙ୍କାର ପେଟ୍ରୋଲ ମାଗିଥିଲେ। ପମ୍ପର କର୍ମଚାରୀ ତେଲ ଦେବା ବେଳେ ସୁବାକର ଗାଡିର ଟାଙ୍କି ନ ଖୋଲି ଏକ ପାଣି ବୋତଲରେ ଭର୍ତ୍ତି କରିବାକୁ ଦେଇଥିଲେ। ଶହେ ଟଙ୍କାରେ ଅଧ ଲିଟର ତେଲ ବାହାରିଥିଲା। ଏହାକୁ ନେଇ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଅନ୍ୟମାନେ ପହଞ୍ଚି ପେଟ୍ରୋଲ ପମ୍ପ ସିଲ୍ କରିବାକୁ ଦାବି କରି ହୋହଲ୍ଲା କରିଥିଲେ। ଫଳରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଅତାବିରା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାର ତଦନ୍ତ କରିବା ସହ ପମ୍ପ ମେଶିନକୁ ଯାଞ୍ଚ କରିବା ଯାଏ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବୁଧବାର ଅପରାହ୍ନ ୩ଟାରେ ଅତାବିରା କୋଶଳ ଫୁଏଲ୍ସ ନାମକ ପେଟ୍ରୋଲ ଟାଙ୍କିରେ ତେଲର ଓଜନ ମପାଯାଇଛି। ବରଗଡ଼ ଓଜନ ମାପ ବିଭାଗର ଅତିରିକ୍ତ ନିର୍ଣ୍ଣାୟକ ସୁପ୍ରକାଶ ମାଳୀ, ଏଚ୍‌ପି କମ୍ପାନୀର ସମ୍ବଲପୁର ବିକ୍ରୟ ଅଧିକାରୀ ପ୍ରିୟଙ୍କ ଅଗ୍ରୱାଲ, ଥାନା ଅଧିକାରୀ

- ପମ୍ପ ସିଲ୍ କରିବା ଦାବିରେ ଲୋକଙ୍କ ହୋହଲ୍ଲା
- ତେଲ ଟାଙ୍କିରେ ମାପର ଯାଞ୍ଚ
- ଠିକ୍ କରିବା ପର୍ଯ୍ୟନ୍ତ ସିଲ୍

ସୁକୁମାର ତ୍ରିପାଠୀ, ଅଭିଯୋଗକାରୀ ଏମ୍. ସୁବାକର, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିବା ୟୁନିଟ୍‌ରୁ ୮ଥର ୫ଲିଟର ଲେଖାଏ ପେଟ୍ରୋଲ ୫ଲିଟର କେନ୍‌ରେ ପୃଥକ୍ ଭାବେ କଢାଯାଇ ମପାଯାଇଥିଲା ଏବଂ ଗୋଟିଏ ଥର ୧ ଲିଟର ବୋତଲରେ ୧ ଲିଟର ପେଟ୍ରୋଲ କଢାଯାଇଥିଲା। ୫ଥରରେ ୨ଥର ୨୦ମିଲିଲିଟର ତାରତମ୍ୟ ରହିଥିବା ମାପ ଓ ଓଜନ ଅଧିକାରୀ କହିଥିଲେ। ଏ ନେଇ ସମ୍ପୃକ୍ତ ୟୁନିଟ୍‌କୁ ଠିକ କରିବା ପର୍ଯ୍ୟନ୍ତ ସିଲ୍ କରାଯାଇଥିଲା ଏବଂ ଏଚପି କମ୍ପାନୀର ବିକ୍ରୟ ମ୍ୟାନେଜରଙ୍କୁ ଏହାକୁ ମରାମତି କରିବାକୁ କୁହାଯାଇଥିଲା। ଏ ସମ୍ପର୍କରେ ମଙ୍ଗଳବାର ତେଲ ଦେଇଥିବା କର୍ମଚାରୀଙ୍କ କହିବା ଅନୁସାରେ, ନିଜର ଭୁଲ ଯୋଗୁ ଏମିତି ହୋଇଥିଲା ବୋଲି ସେ ସ୍ୱୀକାର କରିଥିଲେ। ପ୍ରକାଶଥାଉକି, ମଙ୍ଗଳବାର ଗୌଡ଼ଟିକ୍ରାର ଏମ୍. ସୁବାକର ୧୦୦ଟଙ୍କାର ପେଟ୍ରୋଲ ଏକ ବୋତଲରେ ନେଇଥିଲେ, ଯେଉଁଥିରେ ପ୍ରାୟ ୬୦୦ ମିଲିଲିଟର ତେଲ ବାହାରିଥିବା ଅଭିଯୋଗ କରିଥିଲେ ।

## ସଂକ୍ଷେପରେ

### ମାର୍ଚ୍ଚ ୨ରେ କେ-୯ କ୍ଲବ ପକ୍ଷରୁ ହେବ ଡଗ୍ ଶୋ

ରାଉରକେଲା, ୫।୨(ସଙ୍ଗୀତା ଜେନା)

ଶ୍ୱାନପ୍ରେମୀଙ୍କ ପାଇଁ ଆସନ୍ତା ମାର୍ଚ୍ଚ ମାସ ୨ରେ ପଶୁ ତଥା ସାମାଜିକ ଅନୁଷ୍ଠାନ କେ-୯ କ୍ଲବ ରାଉରକେଲା ପକ୍ଷରୁ ଡଗ୍ ଶୋ ବା ଶ୍ୱାନ୍ ପ୍ରଦର୍ଶନୀ ହେବାକୁ ଯାଉଛି। ଏ ନେଇ ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ପ୍ରେସବିବୃତ୍ତିରେ କ୍ଲବର ସଭାପତି ରାକେଶ ଜେନା, ଉପସଭାପତି ବାବୁ ମହାନ୍ତି ଓ ସଦସ୍ୟମାନେ ସୂଚନା ପ୍ରଦାନ କରିଛନ୍ତି। ଚଳିତବର୍ଷ ଏଥିରେ ଜର୍ମାନ୍ ସେଫର୍ଡ, ଗୋଲଡେନ୍ ରିଟ୍ରାଇଭର୍, ସ୍ପିଂଜ, ଲାବ୍ରାଡର, ବୁଲଡଗ୍,ପଗ୍ ସମେତ ବିଦେଶୀ ପ୍ରଜାତିର ଶ୍ୱାନ୍ ପ୍ରଦର୍ଶନୀ କରାଯିବ। ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଅପରାହ୍ନ ୩ଟା ୩୦ରୁ ରାତି ୯ଟା ୩୦ପର୍ଯ୍ୟନ୍ତ ଏହା ଆୟୋଜନ ହେବ। ଉକ୍ତ ପ୍ରଦର୍ଶନୀରେ ବହୁ ସଂଖ୍ୟାରେ ପଶୁପ୍ରେମୀ ଯୋଗଦେବା ଲାଗି ଆୟୋଜକ ପାର୍ଥ ଡେ, ପ୍ରଶାନ୍ତ ମହାନ୍ତି ଓ ଅନ୍ୟମାନେ ନିବେଦନ କରିଛନ୍ତି।

### ହରଭଙ୍ଗା ତଳମୁଣ୍ଡରେ ସେତୁ ନିର୍ମାଣ ପଦକ୍ଷେପକୁ ନେଇ ଅସନ୍ତୋଷ

ଲୋଇସିଂହା,୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଦେଇ ଅଙ୍ଗନଦୀ ସୁବର୍ଣ୍ଣପୁର ଜିଲାକୁ ବହି ଯାଇଛି । ଅଙ୍ଗନଦୀର ଆଗଲପୁର ବ୍ଲକ ହରଭଙ୍ଗା ଓ ସୁବର୍ଣ୍ଣପୁର ଜିଲାର ଦିଗଶିରା ମଧ୍ୟରେ ଏକ ସେତୁ ନିର୍ମାଣ ପାଇଁ ସର୍ଭେ ଓ ମାଟି ପରୀକ୍ଷା କାମ ସରିଯାଇଥିଲା। ହେଲେ ଏବେ ସେଠାରେ ସେତୁ କାମ ନ କରି ଅନ୍ୟତ୍ର ବା ହରଭଙ୍ଗା ଗାଁ ତଳମୁଣ୍ଡରେ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଯୋଜନା ଚାଲିଛି। ଏହାକୁ ନେଇ ହରଭଙ୍ଗା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଅଙ୍ଗନଦୀର ଡାହାଣପଟରେ ଆଗଲପୁର ବ୍ଲକ ହରଭଙ୍ଗା ଓ ବାମପଟରେ ଦିଗଶିରା ଗାଁ ରହିଛି । ହରଭଙ୍ଗା ନିକଟସ୍ଥ ଡଙ୍ଗାଘାଟରେ ସେତୁ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ସର୍ଭେ ହୋଇଥିଲା। ଏପରିକି ସେହି ସ୍ଥାନରେ ମାଟି ପରୀକ୍ଷଣ କାମ ସରିଥିଲା । ହେଲେ ସେହି ସ୍ଥାନରେ ସେତୁ ନିର୍ମାଣ ନ କରି ତଳମୁଣ୍ଡରେ ନିର୍ମାଣ ପାଇଁ ଏବେ ବିଭାଗ ପକ୍ଷରୁ ମାଟି ପରୀକ୍ଷଣ କାର୍ଯ୍ୟ କରାଯାଉଛି । ଏହା ଜଣାପଡିଲା ପରେ ହରଭଙ୍ଗା ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏବେ ଯେଉଁ ସ୍ଥାନରେ ସେତୁ ନିର୍ମାଣ ପାଇଁ ଯୋଜନା କରାଯାଉଛି । ସେଠାରେ ସେତୁ ହେଲେ ଉଦ୍ଦେଶ୍ୟ ସାଧିତ ହେବନାହିଁ ବୋଲି ଗ୍ରାମବାସୀ କହୁଛନ୍ତି । ପୂର୍ବ ନିର୍ଦ୍ଧାରିତ ସ୍ଥାନ ଯାହାକି ଡଙ୍ଗାଘାଟରେ ସେତୁ ହେଲେ ନଦୀର ଉଭୟ ପଟରେ ଥିବା ଗାଁ ଲୋକ ସୁବିଧା ପାଇ ପାରିବେ ବୋଲି କୁହାଯାଉଛି । ସେତୁ ନିର୍ମାଣରେ ସ୍ଥାନ ପରିବର୍ତ୍ତନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ହରଭଙ୍ଗା ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଶ୍ରମିକ, କୃଷକ ଓ ଗଣସଙ୍ଗଠନର ବିକ୍ଷୋଭ

ରାଉରକେଲା,୫।୨(ସଙ୍ଗୀତା ଜେନା)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଚଳିତବର୍ଷ(୨୦୨୫-୨୬) ବଜେଟ୍‌କୁ କୃଷକ, ଶ୍ରମିକ ଏବଂ ଗରିବ ଲୋକଙ୍କ ଜୀବିକା ଉପରେ ସିଧାସଳଖ ଆକ୍ରମଣ ବୋଲି ଅଭିଯୋଗ କରାଯାଇଛି। ଏନେଇ ବୁଧବାର ପୂର୍ବାହ୍ନ ୧୧ଟାରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସିଆଇଟିୟୁ, ଏଆଇଟିୟୁସି, ଏଆଇୟୁଟିୟୁସି ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରାଉରକେଲା ଉଦିତନଗରସ୍ଥିତ ଆମ୍ବେଦକର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହିତ ଜନବିରୋଧୀ କେନ୍ଦ୍ର ବଜେଟ୍ ପୋଡିଛନ୍ତି। ଦେଶବ୍ୟାପୀ ମିଳିତ ପ୍ରତିବାଦ ପାଇଁ ଆହ୍ୱାନ ଡାକରାକୁ ସମର୍ଥନ ଜଣାଇ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚାର ନେତୃବୃନ୍ଦ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଏହି ବଜେଟ୍ ବିରୋଧରେ ଆନ୍ଦୋଳନ ତୀବ୍ରତର କରିବାକୁ ଆହ୍ୱାନ ଦେଇଥିଲେ।

ବିଭିନ୍ନ ନେତୃବୃନ୍ଦ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ, ମୋଟ ଘରୋଇ ଉତ୍ପାଦନ (ଜିଡିପି)ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୧୬ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ ଏହି ବର୍ଷର ବଜେଟ୍ ଆବଣ୍ଟନ ୨୦୨୪-୨୫ର ସଂଶୋଧିତ ଆକଳନ ତୁଳନାରେ କମ୍ ରହିଛି। କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ ୨୦୨୪-୨୫ର ସଂଶୋଧିତ ଆକଳନ ୩୭୬୭୨୦.୪୧ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ରେ ଆବଣ୍ଟନ ମାତ୍ର ୩୭୧୬୮୭.୩୫ କୋଟି ଟଙ୍କା ରହିଛି। ବଜେଟ ଆବଣ୍ଟନରେ କୃଷିକ୍ଷେତ୍ର ପାଇଁ ବର୍ଷ ପରେ ବର୍ଷ କ୍ରମାଗତ ହ୍ରାସ ସୂଚାଉଛି ଯେ, ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ପ୍ରାଥମିକତା ସ୍ପଷ୍ଟ ଭାବେ କୃଷକଙ୍କୁ ଦିଆଯାଉନାହିଁ। ନିଯୁକ୍ତି କ୍ଷେତ୍ରରେ କୃଷି କ୍ଷେତ୍ରର ଅଂଶ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୨୦୧୭-୧୮ରେ କୃଷି କ୍ଷେତ୍ରରେ ଦେଶର ମୋଟ ନିଯୁକ୍ତିର ୪୪.୧ ପ୍ରତିଶତ ଥିବାବେଳେ ୨୦୨୩-୨୪ରେ ଏହା ୪୬.୧ ପ୍ରତିଶତକୁ ବୃଦ୍ଧି ପାଇଛି। ଫଳରେ ପୂର୍ବେ କାମ ଖୋଜିବା ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଲୋକେ ଯାଉଥିବାବେଳେ ବର୍ତ୍ତମାନ ଏହାର ବିପରୀତରେ ସହରାଞ୍ଚଳରେ ନିଯୁକ୍ତି ସୁଯୋଗ ନ ଥିବାରୁ ସହରାଞ୍ଚଳରୁ ଗ୍ରାମଞ୍ଚଳକୁ ଲୋକଙ୍କ ଆସିବା ଆରମ୍ଭ ହୋଇଛି, ଯାହା ବିପରୀତ ସ୍ଥାନାନ୍ତରକୁ ସୂଚାଉଛି। ସରକାର ଜାତୀୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନକୁ ପାଣ୍ଠି ପ୍ରଦାନ ସମ୍ପୂର୍ଣ୍ଣ ରୂପେ ବନ୍ଦ କରୁଛନ୍ତି। ଏଥିପାଇଁ ବଜେଟରେ ଶୂନ ଆବଣ୍ଟନ କରାଯାଇଛି। ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଗ୍ରାମୀଣ ବିକାଶ ଏବଂ ଗ୍ରାମୀଣ ଗରିବଙ୍କ ପ୍ରତି ଚରମ ଉଦାସୀନତାର ପ୍ରତିଫଳନ ଛଡା ଆଉ କିଛି ନୁହେଁ। ଏହି କାର୍ଯ୍ୟକ୍ରମରେ ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ଶକୁନ୍ତଳା ମହାକୁଡ଼, ରାଜକିଶୋର ପ୍ରଧାନ, ବିପି ମହାପାତ୍ର, ଯଯାତି କେଶରୀ ସାହୁ, ଅକ୍ଷୟ ମହାନ୍ତ, ଅଜିତ ଏକ୍କା, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ରତ୍ନାକର ନାୟକ, ଏନ୍‌ଏନ୍ ପାଣିଗ୍ରାହୀ, ସସ୍ମିତ ସ୍ୱାଇଁ, ଚନ୍ଦ୍ରଭାନୁ ଦାସ, ପି.କେ ସେଠୀ, ଦିବାକର ମହାରଣା,ବଛିରାମ ବେହେରା, ସାଗର ଛୋଟରାୟ, ବାସୁଦେବ ସାହୁ, ଏନ୍.କେ ରାଉତରାୟ,ଏଆଇକେଏସ. ରାଜ୍ୟ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଦାଶ, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ,ଏଆଇଟିୟୁସି ସାଧାରଣ ସମ୍ପାଦକ ପ୍ରଦୋଷ ମହାନ୍ତି, ଦଶରୁ କିଷାନ, ପି.ସି ପଟ୍ଟନାୟକ, ଅପର୍ଣ୍ଣା ରାଉତରାୟ, ମହେଶ୍ୱର ଦୀପ୍, ଅରୁଣ ଭୋଇ,ଏଆଇୟୁଟିୟୁସି ଜିଲା ସାଧାରଣ ସମ୍ପାଦକ ଅଜିତ ନାୟକ, ସତ୍ୟପ୍ରିୟ ମହାନ୍ତି, ବିଷ୍ଣୁ ପଣ୍ଡା, ଶ୍ରୀନିବାସ ସେଠୀ, ବିଜୟ ସାହୁ, ସୁନିଲ୍ ବାରିକ୍ ସମେତ ଶତାଧିକ ଶ୍ରମିକ, କୃଷକ ଓ ବିଭିନ୍ନ ଗଣ ସଙ୍ଗଠନର ନେତୃବୃନ୍ଦ ସାମିଲ ହୋଇଥିଲେ।



ବଜେଟ୍ ବିରୋଧରେ ଶ୍ରମିକ, କୃଷକ ଓ ଗଣସଙ୍ଗଠନ ପକ୍ଷରୁ ରାଉରକେଲା ଉଦିତ ନଗରରେ ବିକ୍ଷୋଭ କରାଯାଉଛି।

# ସାହିତ୍ୟ ସର୍ବଦା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ

ରାଉରକେଲା,୫।୨(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାର ଆୟୋଜିତ ୩୦ତମ ରାଉରକେଲା ପୁସ୍ତକମେଳାର ଚତୁର୍ଥ ଦିବସରେ ଇସ୍ପାତ ସାହିତ୍ୟ ସଂସଦର ସାହିତ୍ୟ ସଭା ଓ କବିତା ପାଠୋତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି ଡାକ୍ତର ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ଅଶୋକ କୁମାର ବଳ ସଂଯୋଜନା କରିଥିଲେ। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଶିକ୍ଷାବିତ ଶଙ୍କର ପ୍ରସାଦ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ପୁସ୍ତକ ମେଳାର ଆୟେଜନ ଓ ଆଭିମୁଖ୍ୟ ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ନାଟ୍ୟକାର ତଥା ନିର୍ଦ୍ଦେଶକ କୈଳାସ ପାଣିଗ୍ରାହୀଙ୍କ ରଚିତ ନାଟକ 'ସହରରେ ଥିଲା ଗୋଟେ ଘର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଇସ୍ପାତ ସାହିତ୍ୟ ସଂସଦର ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳଙ୍କ ଆବାହକତ୍ୱରେ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛପା ପୁସ୍ତକର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ତ୍ରିଲୋଚନ ମାଥାନ ଯୋଗଦେଇ ଥିଲେ। ସାହିତ୍ୟ ସର୍ବଦା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ତେଣୁ ସାହିତ୍ୟ ସର୍ବଦା ସମାଜର ହିତପାଇଁ ପ୍ରକାଶିତ ହେବା ଜରୁରୀ ବୋଲି ମାଥାନ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଉତ୍ସବରେ ସହରରେ ବିଭିନ୍ନ କବି ଓ କବୟିତ୍ରୀ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ଶେଷରେ କବି ଉପେନ୍ଦ୍ର ବହିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଆଦର୍ଶ ପାଠାଗାର ଆୟୋଜିତ ପୁସ୍ତକ ମେଳାର ସାହିତ୍ୟ ସଭାରେ ଉପସ୍ଥିତ ଅତିଥି।



ମା' ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମରେ ଟ୍ରଷ୍ଟର କର୍ମକର୍ତ୍ତା।

# ମା' ପାଇଁ ବୃକ୍ଷଟିଏ ଲଗାଇ ସମାଜକୁ ସୁସ୍ଥ ରଖ

ରାଉରକେଲା,୫।୨(ଦିନେଶ ମିଶ୍ର): ସେକ୍ଟର-୧୭ ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କାର୍ଯ୍ୟାଳୟ ପରିସରରେ ବନମାଳି ଧୂପାଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ସକାଳ ସାଢେ ୮ଟାରେ ଅଧକ୍ଷା ଡ. ମଧୁସ୍ମିତା ଧୂପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ବହୁ କର୍ମୀ ଉପସ୍ଥିତ ରହି ବ୍ୟାଙ୍କ ପରିସରରେ ଆମ୍ବଗଛ, ନିମ୍ବଗଛ, ଥାଇଲ୍ୟାଣ୍ଡର ମିଠା ତେନ୍ତୁଳି ଗଛ ଭଳି ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ବୃକ୍ଷଲତା ଆମର ପ୍ରକୃତି ପ୍ରକୃତ ବନ୍ଧୁ। ତେଣୁ ମା' ପାଇଁ ବୃକ୍ଷଟିଏ ଲଗାଇ ଆମ ସମାଜକୁ ସୁସ୍ଥ ଓ ସବୁଜ ରଖିବାକୁ ଅନୁଷ୍ଠାନ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଏଭଳି ନିଃସ୍ୱାର୍ଥପର ଭାବେ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅଧକ୍ଷା ଧୂପାଳ ସୂଚନା ଦେଇଥିଲେ। ଅନୁଷ୍ଠାନକୁ ନୂତନ ଭାବେ ଯୋଗଦେଇଥିବା କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ବୃକ୍ଷ ଗୁଡିକର ଉପଯୁକ୍ତ ଯତ୍ନ ପାଇଁ ଜଳସେଚନ ଓ ତଦାରଖକାରୀଙ୍କ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଜ୍ୟୋତସ୍ନାମୟୀ ଧୂପାଳ, ଦଇତାରୀ ସାହୁ, ସଞ୍ଜୀବ ସାମଲ, ଧନଞ୍ଜୟ ଦାସ, ହେମନ୍ତ ଦାସ, ଯଦୁମଣି ପାତ୍ର, ସଞ୍ଜିତା ମଣ୍ଡଳ, ଜୟପ୍ରକାଶ ସୁନ୍ଦରରାୟ, ଉମେଶ ଚନ୍ଦ୍ର ସିଂ, ଉଜ୍ଜଳ କୁଲିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍ତମ ବନ୍ଧୁ ସର୍ବଦା ସୁଖଦୁଃଖର ସାଥୀ ହୋଇଥାଏ

ରାଉରକେଲା,୫।୨(ଦିନେଶ ମିଶ୍ର)

ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୯୧ରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୨ଜଣ ପୁରାତନ ଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏକ ଉତ୍ତମ ବନ୍ଧୁ ସର୍ବଦା ଶୁଖ ଓ ଦୁଃଖର ସାଥୀ ହୋଇଥାଏ ବୋଲି ନିମନ୍ତ୍ରିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବମ୍ବେ, ପୁନେ, କଲିକତା, ଭୁବନେଶ୍ୱର, ଦିଲ୍ଲୀ, ରାଉରକେଲା ଭଳି ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ବନ୍ଧୁମାନେ ଏକତିତ୍ର ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ସାହୁ, ଅସ୍ମିତ ପଟେଲ, ମାନସ ପଣ୍ଡା, ଅରୁଣ ସେନାପତି, ସୁରଜିତ ନନ୍ଦ, ଶୋଭନ ପଣ୍ଡା, ମହି ପୃଷ୍ଟି, ନମିତା ମହାନ୍ତି, ମଣ୍ଟୁ ପାଢ଼ୀଙ୍କ ସହ ସମସ୍ତ ପୁରାତନ ଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ମାତୃ ପୂଜନରେ ସର୍ବଦୁଃଖ ହରଣ ହୋଇଥାଏ

ରାଉରକେଲା, ୫।୨(ଦିନେଶ ମିଶ୍ର)

ଶ୍ରୀଯୋଗବେଦାନ୍ତ ସେବା ସମିତି ପକ୍ଷରୁ ମାତୃପୂଜନ କାର୍ଯ୍ୟକ୍ରମ ସୋନାପର୍ବତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ମଧ୍ୟାହ୍ନ ୧୨ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ତଥା ଟିଭି ଓ ମୋବାଇଲ ବହୁଳ ବ୍ୟବହାର ଦ୍ୱାରା ଆଜିର ଛାତ୍ର ସମାଜ କୁପଥଗାମୀ ହୋଇ ପିତା-ମାତାଙ୍କୁ ସମ୍ମାନ ଦେବାକୁ ଭୁଲି ଯାଉଛନ୍ତି। ତେଣୁ ଏହି ଧାରାକୁ ବଜାଇ ରଖିବା ପାଇଁ ଶ୍ରୀଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟରେ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାର୍ଥୀ ସେମାନଙ୍କର ମାତା-ପିତାଙ୍କୁ ଉଚ୍ଚ ଆସନରେ ବସାଇ ମଥାରେ ତିଳକ ଓ ଚନ୍ଦନ ଲଗାଇ ପୁଷ୍ପଗୁଚ୍ଛ ଦେଇ ପୂଜାର୍ଚ୍ଚନା କରି ତାଙ୍କ ଚାରିପଟେ ୭ଥର ଭ୍ରମଣ କରିଥିଲେ। ଅନୁରୂପକ ଭାବେ ପିତାମାତାମାନେ ସେମାନଙ୍କର ପିଲାମାନଙ୍କୁ ଜୀବନରେ ଭଲ ମଣିଷ ହେବାପାଇଁ ଆଶୀର୍ବାଦ କରିବା ସହ ଶ୍ରୀଯୋଗବେଦାନ୍ତ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ଝିଲିମା ମହାନ୍ତି, ସୌଭାଗିନୀ ମୁଦୁଲି, ରଶ୍ମିପ୍ରିୟା ସାହୁ, ସନ୍ତୋଷ ପଲାଇ, ଅଜୟ କୁମାର, ସମୀର ପଟ୍ଟନାୟକ, ବିଶ୍ୱଜିତ ସରକାର, ରାମେଶ୍ୱର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ବିଦ୍ୟାର୍ଥୀମାନେ ମାତାପିତାଙ୍କୁ ପୂଜା କରୁଛନ୍ତି।

# ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୫।୨(ସଙ୍ଗୀତା ଜେନା)

ସେକ୍ଟର ୧୫ ଥାନା ଅନ୍ତର୍ଗତ ସେକ୍ଟର--୧୬ ଅଞ୍ଚଳରେ ମଙ୍ଗଳବାର ଜଣେ ନାବାଳିକା(୧୨) ଛାତ ବିମ୍‌ରେ ଗାମୁଛାରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତା ହେଉଛନ୍ତି ଏକ ପ୍ରତିଷ୍ଠିତ ଇଂରାଜୀ ମିଡ଼ିୟମ ସ୍କୁଲର ଛାତ୍ରୀ। ପୋଲିସ ଏକ ମାମଲା(ନଂ.୩/୨୫) ରୁଜୁ କରି ଝୁଲନ୍ତା ମୃତଦେହ ଜବତ କରିଛି। ବୁଧବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଅପରାହ୍ନ ୪ଟାରେ ହସ୍ତାନ୍ତର କରାଯାଇଛି। ମୃତାଙ୍କ ବାପା ଦେଇଥିବା ଏତଲା ଅନୁଯାୟୀ, ଝିଅ ମୋବାଇଲ ଅଧିକ ବ୍ୟବହାର କରୁଥିଲେ। ପରିବାରବର୍ଗ ପାଠପଢ଼ିବାକୁ କହିବାରୁ ସେ ଉତ୍ୟକ୍ତ ହୋଇ ଏପରି କରିଥିଲେ।

# ଲକ୍ଷାଧିକ ଟଙ୍କାର କାଠ ପଟା ଜବତ: ୨ଅଟକ

ଦେଓଗାଁ,୫।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବନାଞ୍ଚଳ ଅଧୀନ ଶାସନପାଲି ଓ ବଡଙ୍ଗୋମୁଣ୍ଡା ଗାଁରେ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ୬ଟି ଟିମ୍ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠପଟା ଜବତ କରିଥିବା ଜଣାପଡିଛି ।

ପ୍ରକାଶ ଯେ, ବଡଙ୍ଗୋମୁଣ୍ଡା ଗାଁର ବାହାଦୁର ପଧାନ ଓ ଶାସନପାଲି ଗାଁର ଅରୁଣ କୁମାର ସାହୁଙ୍କ ଘରୁ ଶାଗୁଆନ ପଟା ସମେତ ଅନ୍ୟାନ୍ୟ କାଠ ପଟା, କାଠ କାଟିବା ପାଇଁ ବ୍ୟବହୃତ ଯନ୍ତ୍ରପାତି ଜବତ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଦେଓଗାଁ ରେଞ୍ଜ ଅଫିସରେ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ରେଞ୍ଜର ଯୁଧିଷ୍ଠିର ଜାଲ ସୂଚନା ଦେଇଛନ୍ତି। ଏ ନେଇ ରେଞ୍ଜର ଜାଲଙ୍କୁ ପଚାରିବାରେ ଆନୁମାନିକ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠପଟା, ଯନ୍ତ୍ରପାତି ଜବତ କରାଯାଇଥିବା ବେଳେ ତଦନ୍ତ ଚାଲିଥିବା କହିଛନ୍ତି ।


ଜବତ କାଠପଟା।

# ଏନ୍‌ଆଇଟିରେ ଜାତୀୟ ଉଦ୍ୟୋଗୀ ସମ୍ମିଳନୀ

ରାଉରକେଲା,୫।୨(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ସାକ୍) ଅଧୀନରେ ୧ ଓ ୨ରେ ଦ୍ୱିଦିବସୀୟ ଜାତୀୟ ଉଦ୍ୟୋଗୀ ସମ୍ମିଳନୀ ସମ୍ପନ୍ନ ହୋଇଯାଇଛି। ଦିଲ୍ଲୀପ ତିର୍କୀ ଷ୍ଟାଡ଼ିୟମ୍‌ରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ବିଭିନ୍ନ ବର୍ଗର ଉଦ୍ୟୋଗୀମାନେ ଏଥିରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ.ଉମା ମହେଶ୍ୱର ରାଓ ଯୋଗଦେଇ କହିଲେ, ଆଗାମୀ ପିଢ଼ୀର ଉଦ୍ୟୋଗୀମାନଙ୍କୁ ବଡ଼ସ୍ୱପ୍ନ ଦେଖିବା, ନବସୃଜନ କରିବା ଏବଂ ଉଦ୍ଦେଶ୍ୟମୂଳକ ନେତୃତ୍ୱ ନେବା ପାଇଁ ଏକ ମଞ୍ଚ ପ୍ରଦାନ କରିଛି ବୋଲି କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍, ସାକ୍‌ଡିନ୍‌ପ୍ରଫେସର ନିରଞ୍ଜନ ପଣ୍ଡା, ସାକ୍ ସଭାପତି ପ୍ରଫେସର ରାଜୀବ କୁମାର, ସାକ୍ ଟେକ୍‌ନିକାଲ ସୋସାଇଟି ଉପାଧ୍ୟକ୍ଷ ପ୍ରଫେସର କୌସ୍ତୁଭ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ବିକଶିତ ଡିଜିଟାଲ ଅର୍ଥନୀତି ପାଇଁ ନିଜକୁ ପ୍ରସ୍ତୁତ କରିବାର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ଅତିଥିମାନେ। ଏହି ଅବସରରେ ଷ୍ଟାର୍ଟଅପ୍ ଏକ୍ସପୋ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା, ଦିଲ୍ଲୀ, ତେଲେଙ୍ଗାନା, ବେଙ୍ଗାଲୁରୁ ଏବଂ ଝାଡଖଣ୍ଡ ଆଦିରୁ ଅଭିନବ ଉତ୍ପାଦ, ସେବା ପ୍ରଦର୍ଶନ ସମ୍ପର୍କିତ ୭୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍ ପ୍ରଦର୍ଶିତ ହୋଇଥିଲା। ସାଇବର ସୁରକ୍ଷା, ମନୋରଞ୍ଜନ, ଗ୍ରାହକ-କେନ୍ଦ୍ରିତ ଶିଳ୍ପ, ସ୍ୱାସ୍ଥ୍ୟ, ପ୍ରଯୁକ୍ତି ଏବଂ ସ୍ୱଚ୍ଛତା, ୩ଡି ପ୍ରିଣ୍ଟିଂ, କୃଷି ଏବଂ ଉତ୍ପାଦ, ଅଣ୍ଡର ୱାଟର ରୋବୋଟିକ୍ସ, ଭର୍ଚୁଆଲ୍ ରିଆଲିଟି ପ୍ରମୁଖ ମଡେଲ ଷ୍ଟାର୍ଟଅପ୍ ଏଥିରେ ସ୍ଥାନ ପାଇଥିଲା। ପରେ ଭର୍ଚୁଆଲ୍ ଟ୍ରେଡିଂ, କ୍ରେସ୍ କ୍ରଞ୍ଚ, ଆଇପିଏଲ୍ ନିଲାମ, ବିଟିକଏନ୍ ଉପରେ କର୍ମଶାଳା ଆଦି ଅନୁଷ୍ଠିତ ହୋଇଥିଲା। ସେହିପରି ଭାରତ ପେର ପ୍ରତିଷ୍ଠାତା ଅଶ୍ୱିନୀ ଗ୍ରୋଭର ପ୍ରତିଯୋଗିତା ଶିଳ୍ପରେ ଏକ ସଫଳ ଷ୍ଟାର୍ଟଅପ୍ ଗଠନର ଚ୍ୟାଲେଞ୍ଜ ଏବଂ ପୁରସ୍କାର ଉପରେ ଏକ ପ୍ରେରଣାଦାୟକ ଭାଷଣ ପ୍ରଦାନ କରିଥିଲେ। ବ୍ୟାଙ୍କ ଅଫ୍ ବରୋଦା, ବ୍ରାଣ୍ଡିଂ ଏବଂ ମାର୍କେଟିଂ ମୁଖ୍ୟ ସେନ୍ଥିଲ କୁମାର ବ୍ରାଣ୍ଡ ପ୍ରଚାର ଗୁରୁତ୍ୱ ବୁଝାଇଥିଲେ। ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍ ୨ ହଜାରରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅମରପ୍ରୀତ ସିଂହ ଏବଂ ସ୍ୱୟାଂଶୁ ସାହୁ ଦ୍ୱିଦିବସୀୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଦିଲ୍ଲୀପ ତିର୍କୀ ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି।

## ସଂକ୍ଷେପରେ

### ଭାରତ ବିକାଶ ପରିଷଦ ପକ୍ଷରୁ ଆଲୋଚନା

**ସମ୍ବଲପୁର,୫।୨(ବି.ଶଙ୍କର)**

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ସାଧାରଣ ବୈଠକ ଓ ଆଲୋଚନାଚକ୍ର କୁଞ୍ଜେଲପଡା ନିକଟସ୍ଥ ସାଂସ୍କୃତିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଶାଖାର ବିତ୍ତ ସଚିବ ଗିରିଜା ପାଢ଼ୀଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ ପରେ ସଭା ଆରମ୍ଭ ହୋଇଥିଲା। ଏଥିରେ ସ୍ୱାବଲମ୍ବୀ ସ୍ୱଦେଶୀ ଭାରତ ଓ ଉଦ୍ୟମିତା ବିଷୟରେ ଆଲୋଚନା କରାଯାଇଥିଲା। ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନର ଅଖିଳ ଭାରତୀୟ ସହ ସଙ୍ଗଠକ ସତୀଶ କୁମାର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସେ ୨୦୪୭ର ସମୃଦ୍ଧ ଓ ମହାନ ଭାରତର ସ୍ତମ୍ଭଗୁଡ଼ିକ ବିଷୟରେ ଆଲୋକପାତ କରିବା ସହିତ ଦୃଢ଼ ଭାବରେ ଭାରତ ଏବେ ବିଶ୍ୱ ବିଜୟରେ ରାସ୍ତାରେ ଅଗ୍ରସର ବୋଲି କହିଥିଲେ। ପ୍ରାନ୍ତ ସଭାପତି ଡା.ପୁରୁଷୋତ୍ତମ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ପ୍ରାନ୍ତ ମହିଳା ସଚିବ ଡାକ୍ତର ରଶ୍ମିରେଖା ଜେନା ଅତିଥି ପରିଚୟ ପ୍ରଦାନ, କ୍ଷେତ୍ରୀୟ ସମ୍ପର୍କ ସଚିବ ଶ୍ୟାମସୁନ୍ଦର ଶର୍ମା ସଭା ପରିଚାଳନା କରିଥିଲେ। ସମ୍ବଲପୁର ଶାଖା ସମ୍ପାଦକ ଡ.ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବପିଢ଼ିଙ୍କ ପାଇଁ ସୁଦର୍ଶନ ଥିଲେ ପଥ ପ୍ରଦର୍ଶକ

**ସମ୍ବଲପୁର, ୫।୨(ବି.ଶଙ୍କର)**

ସାହିତ୍ୟ ଅନୁଷ୍ଠାନ ଅନ୍ୟା ପକ୍ଷରୁ ସ୍ମୃତିରେ ସୁଦର୍ଶନ କାର୍ଯ୍ୟକ୍ରମ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସାହିତ୍ୟିକ ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଜୀବନ ଓ ସାହିତ୍ୟ ସୃଜନ ଉପରେ ବକ୍ତାମାନେ ସ୍ମୃତି ଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯୁବ ପିଢ଼ିଙ୍କ ପାଇଁ ପ୍ରଫେସର ସୁଦର୍ଶନ ଥିଲେ ପଥ ପ୍ରଦର୍ଶକ। ଭାଷା ଓ ଶବ୍ଦ ଉପରେ ତାଙ୍କର ସ୍ୱତନ୍ତ୍ର ସ୍ପର୍ଶ ରହିଥିଲା। ସେହିପରି ଦର୍ଶନ ଓ ସାହିତ୍ୟର ଅପୂର୍ବ ମିଳନ ତାଙ୍କ ସାହିତ୍ୟରେ ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କବି ରାମକୃଷ୍ଣ ବକ୍ତା ଭାବେ ଯୋଗ ଦେଇଥିଲେ । ସାହିତ୍ୟିକ ଡ. ଗୌରିଦାସ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଫେସର ମୀନକେତନ ପାଠୀ, ସାବିତ୍ରୀ ପୁରୋହିତ, ଦୁର୍ଗା ପଣ୍ଡା, ସରୋଜ ମହାନ୍ତି, ମୁକ୍ତକଣ୍ଠ ପ୍ରଧାନ ଏବଂ ତଫିଜୁଲ ହୋସେନ ସ୍ୱର୍ଗତ ପୂଜାରୀଙ୍କ ରଚିତ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ପୂଜାରୀ, ଗୋବିନ୍ଦ ମହାରଣା, ଡ.ସତ୍ୟନାରାୟଣ ଠାକୁର, ବୃନ୍ଦାବନ ମିଶ୍ର, ଡ.ମନୋଜ ପଣ୍ଡା, କମଲ ଲୋଚନ ପଣ୍ଡା, ପ୍ରଶାନ୍ତ ମାଝୀ, ଦିଲୀପ ଦେବ, ଜୟକୃଷ୍ଣ ବେହେରା, ବ୍ରଜେନ୍ଦ୍ର ନାୟକ, ବିଭୂତି ମିଶ୍ର, ମମତା ନାଥ, ପ୍ରୀତିନନ୍ଦା ପାଣିଗ୍ରାହୀ, ପ୍ରଫୁଲ୍ଲ ହୋତା, ପ୍ରଭଞ୍ଜନ ପୁରୋହିତ, ଚନ୍ଦ୍ର ଭୂଷଣ ପୃଷେଠ, ପରିତୋଷ ପାଣିଗ୍ରାହୀ, ଡ.ସିଦ୍ଧାର୍ଥ ପଣ୍ଡା ଉପସ୍ଥିତ ରହି ସ୍ୱର୍ଗତ ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ସମ୍ବଲପୁର,୫।୨(ବି.ଶଙ୍କର)**

ବୁର୍ଲା ନିକଟ ଧୁରିଆପଡ଼ା ନିବାସୀ ଧର୍ମପ୍ରାଣା ମହିଳା ପ୍ରଶାନ୍ତମୟୀ ପାଣିଗ୍ରାହୀଙ୍କ ୭୭ ବର୍ଷ ବୟସରେ ଜ୍ୟୋତି ବିହାର ବାସଭବନରେ ବୁଧବାର ପରଲୋକ ହୋଇଯାଇଛି । ବୁର୍ଲା ଜ୍ୟୋତି ବିହାର ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ଶଶୀଭୂଷଣ



ପାଣିଗ୍ରାହୀଙ୍କ ଧର୍ମପତ୍ନୀ ପ୍ରଶାନ୍ତମୟୀ ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟ ସହ ଜଡିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସତ୍ୟଜିତ, ବିଶ୍ୱଜିତ, ସୁଜିତ, କନ୍ୟା ସୁପ୍ରଭା, ଶର୍ମିଷ୍ଠା ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସମ୍ବଲପୁର ରାଜଘାଟଠାରେ ଅନ୍ତିମ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସତ୍ୟଜିତ ମୁଖାଗ୍ନି ଦେଇଥିଲେ।

# ଗ୍ରାମାଞ୍ଚଳର ସମୃଦ୍ଧି ପାଇଁ ସମ୍ବଳ ଯୋଗାଇବ

**ସମ୍ବଲପୁର,୫।୨(ପ୍ରମୋଦ ବହିଦାର)**

ବିକଶିତ ଗାଁ ବିକଶିତ ଓଡ଼ିଶା ଏକ ଦୀର୍ଘକାଳୀନ ଯୋଜନା। ଏହି ଯୋଜନା ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସମ୍ବଳ ଯୋଗାଇବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ସମ୍ବଲପୁର ଧନକଉଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମହାଲିଙ୍ଗ୍ ଏହା କହିଛନ୍ତି। ଏହି ଅବସରରେ ବକ୍ତବ୍ୟ ରଖି ଡ. ମହାଲିଙ୍ଗ କହିଥିଲେ ଯେ, ରାଜ୍ୟରେ ଗ୍ରାମାଞ୍ଚଳର ପ୍ରକୃତ ବିକାଶ ଆରମ୍ଭ ହୋଇଛି। ରାଜ୍ୟର ୩୧୪ ବ୍ଲକରେ ସାମାଜିକ ଓ ଆର୍ଥନୈତିକ ବିକାଶ କରାଯାଇ ଆସନ୍ତା ୨୦୩୬ ମସିହା ମଧ୍ୟରେ ରାଜ୍ୟ ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ ରଖିଛି। ପ୍ରଥମ ଦଫାରେ ପ୍ରତିବର୍ଷ ୧ ହଜାର କୋଟି ଟଙ୍କା ହିସାବରେ ଆଗାମୀ ୫ ବର୍ଷ ମଧ୍ୟରେ ୫ ହଜାର କୋଟି ବିନିଯୋଗ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ସମସ୍ତ ବ୍ଲକ ଅଧିନ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭିତ୍ତିଭୂମି ସହିତ ପର୍ଯ୍ୟଟନ, ଗମନାଗମନ, ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ ଯୋଗାଣ ଓ ଟେଲି ଯୋଗାଯୋଗକୁ ବିକଶିତ କରାଯାଇ ସେହି ଅନୁସାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଶୈଳୀକୁ ଉନ୍ନତ କରିଯିବ।

ସମ୍ମାନିତ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଥିଲେ ଦେଶର ସବଠାରୁ କ୍ଷୁଦ୍ରତମ ୟୁନିଟ ଗାଁର ବିକାଶ ନ ହେଲେ ଦେଶର ବିକାଶ ଅସମ୍ଭବ। ସମାଜର ସାମୂହିକ ବିକାଶ ପାଇଁ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନା ସହାୟକ ହେବ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ପି ପ୍ରତିନିଧି ନାଉରୀ ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।




ଧନକଉଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମଞ୍ଚାସୀନ ଅତିଥି।

### ସମ୍ବଲପୁରରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ

**ନାକଟିଦେଉଳ(ବୈକୁଣ୍ଠନାଥ ସାହୁ):** ନାକଟିଦେଉଳ ବ୍ଲକରେ ବିଡିଓ କ୍ଷମାନିଧି ଭୋଇଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଓଏଲଏମ ଜିଲା ପ୍ରକଳ୍ପ ଅଧିକାରୀଙ୍କ ସଞ୍ଜୟ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରୀୟ ପ୍ରଧାନ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ଜନ କଲ୍ୟାଣକାରୀ ଯୋଜନା କେମିତି ଲୋକଙ୍କ ପାଖରେ ପହଞ୍ଚିବ ତାହା ଉପରେ ଅଭିଭାଷଣ ରଖିଥିଲେ। ଏଥିରେ ନାକଟିଦେଉଳ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ସାହୁ, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ,ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, କିସିଣ୍ଡା ସରପଞ୍ଚ ରୀନାରାଣି ନାୟକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଏବିଡିଓ ବିଦ୍ୟାଧର ରାଉତରାୟ ପରିଚଳନା କରିଥିଲେ ।

**କୁଚିଣ୍ଡା,(ବିରଞ୍ଚି ଦର୍ଚ୍ଚା):** କୁଚିଣ୍ଡା ବ୍ଲକରେ ବୁଧବାର ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ କାର୍ଯ୍ୟକ୍ରମକୁ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ତହସିଲଦାର ମିତାଲି ମଧୁମିତା ଦଳେଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବିଡିଓ ଜୟନ୍ତ ସାହୁ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭିଡିଓ କନଫରେନ୍ସ ମାଧ୍ୟମରେ ପୂର୍ବାହ୍ନ ୧୧ଟାରେ ଏହାକୁ ଆନୁଷ୍ଠାନିକଭାବେ ଶୁଭାରମ୍ଭ କରିଥିଲେ। ସେ କହିଥିଲେ ମୌଳିକ ଭିତ୍ତିଭୂମିର ବିକାଶ ଓ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ, ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ବହୁମୁଖୀ ପ୍ରକଳ୍ପର ନିର୍ମାଣ ସହ କାର୍ଯ୍ୟାନ୍ୱୟନ ବିକଶିତ ଗାଁ ବିକଶିତ ଓଡିଶାର ମୂଖ୍ୟଲକ୍ଷ୍ୟ। ସେହିପରି ବାମରା ବ୍ଲକରେ କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ଏମ୍‌ପି ପ୍ରତିନିଧି ନରେଶ ସିଂ ଠାକୁର, ବିଡିଓ ପୁଷ୍ପକ ପ୍ରଧାନ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତ ସଭ୍ୟ ଏବଂ ମିଶନ ଶକ୍ତି ମହିଳାମାନେ ଯୋଗ ଦେଇଥିଲେ।

**ଜମନକିରା(ରବୀନ୍ଦ୍ର ପ୍ରସାଦ ଦାନୀ):** ଜମନକିରା ବ୍ଲକ ସ୍ଥିତ ଡାକ୍ତରଖାନା ପଡ଼ିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ହରେକୃଷ୍ଣ ବରିହା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଭାଜପା ନେତା ସୁଶୀଲ କର, ଏମ୍‌ପି ପ୍ରତିନିଧି ରମେଶ ସାହୁ, ବିଧାୟକ ପ୍ରତିନିଧି ମନୋଜ ମାଝୀ, ଜମନକିରା ମଣ୍ଡଳ ସଭାପତି ବିଜୟ କୁମାର ନାୟକ, ବରିଷ୍ଠ ପରାମର୍ଶଦାତା ଗୋକୁଳ ନନ୍ଦ ଦାନୀ ଉପସ୍ଥିତ ଥିଲେ। ଏଥିରେ ବ୍ଲକ ତଥା ପଞ୍ଚାୟତସ୍ତରୀୟ ଅଧିକାରୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଆଭାସି କାର୍ଯ୍ୟକ୍ରମକୁ ଦେଖିଥିଲେ।



କୁଚିଣ୍ଡାରେ ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା



ଅତିଥିଙ୍କ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନେ।

**ନାକଟିଦେଉଳ,୫।୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାହେବୀ ପଞ୍ଚାୟତ ଅଧୀନ ଝାରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ବ୍ଲକର ୬ଟି ଏଫଏଲଏନ୍ ବିଦ୍ୟାଳୟରୁ ୬୦ଜଣ ଛାତ୍ରୀଛାତ୍ର, ସ୍ଥାନୀୟ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ରୀ ଏବଂ ୬୦ଜଣ ଅଭିଭାବକ ଯୋଗଦେଇଥିଲେ। ଏଥିସହିତ ୧୫ ଜଣ ବିଭିନ୍ନ ଜନପ୍ରତିନିଧି ଏବଂ ୧୩ଜଣ ସିଆରସିସି ଉପସ୍ଥିତ ଥିଲେ। ଏହି ମେଳାକୁ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଆରସି ତ୍ରିନାଥ ଧଳ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଅଭିନୟରେ ସାହେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଦୁଷ୍ମନ୍ତ ଦେହୁରୀ, ଶୃତ ଲିଖନରେ କୁଟାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ସୋନାଲି ଷଣ୍ଢ, ଚିତ୍ରାଙ୍କନରେ କେଲୋବେରନି ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଗାୟତ୍ରୀ ପ୍ରଧାନ ଏବଂ କବିତା ଆବୃତ୍ତିରେ ସାହେବୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର କିରନ କୁମାର ନାଏକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବ୍ଲକ ଏଫ୍‌ଏଲ୍‌ଏନ ମୋଡେଲ ସ୍କୁଲ ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁ ଏବଂ ଝାରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିନ୍ଧୁରାମ ପ୍ରଧାନ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ବାଟଗାଁ ସିଆରସିସି ଭୁବନେଶ୍ୱର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାହେବୀ ସିଆରସିସି ଅଜିତ କୁମାର ପ୍ରଧାନ ଧନ୍ୟାଦ ଅର୍ପଣ କରିଥିଲେ।

### ଅଘରିଆ ସମାଜର ଗୁଡ଼ିସ୍ତରୀୟ ବୈଠକ

**ଜମନକିରା,୪।୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ଜମନକିରା ବ୍ଲକ ଭୋଜପୁରଠାରେ ଅଖିଳ ଭାରତୀୟ ଅଘରିଆ ସମାଜର ଭୋଜପୁର ଗୁଡ଼ିସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟି ସାଙ୍ଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ସାମାଜିକ ବନୀକରଣ ଓ ଉଦ୍ୟାନ କୃଷି ପାଇଁ ତାଲିମ କାର୍ଯ୍ୟକ୍ରମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଗୁଡ଼ି ସଭାପତି ବିରଞ୍ଚି ନାରାୟଣ ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରମେଶ ଚନ୍ଦ୍ର ନାଏକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ବାମଣ୍ଡା ଆଞ୍ଚଳିକ ସମ୍ପାଦକ ଅଶୋକ କୁମାର ପଟେଲ ଆଗାମୀ ରାଜ୍ୟ ସ୍ତରୀୟ ମହା ସମ୍ମିଳନୀକୁ ସଫଳ କରିବାକୁ ଆହ୍ୱାନ କରିଥିଲେ । ଏଥିରେ ଗୁଡ଼ିର ଉପଦେଷ୍ଟା ଗୋପାଳ ଚନ୍ଦ୍ର ପଟେଲଙ୍କ ସମେତ ସମସ୍ତ ନବ ନର୍ବାଚିତ ଗୁଡ଼ି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବୀଣ ପଟେଲ, ପ୍ରଶାନ୍ତ ପଟେଲ, ଧୀରେନ୍ଦ୍ର ନାଏକ, ଦିଲ୍ଲୀପ ନାଏକ, ସତ୍ୟ ନାରାୟନ ପଟେଲ ପ୍ରମୁଖ ସଙ୍ଗଠନ ଓ ନୂତନ ସମ୍ବିଧାନ ଉପରେ ଆଲୋଚନା କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଅଧ୍ୟାପକ ପ୍ରଶାନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଜ୍ଞାନିକ ଅଗ୍ରଗତି ସହ ଜୀବିକା ଚୟନ ସୃଷ୍ଟି ହେବ



କଲେଜ ଅଧ୍ୟକ୍ଷାଙ୍କ ସହ ବିଦେଶୀ ଅତିଥିମାନେ।

**କୁଚିଣ୍ଡା,୫।୨(ବିରଞ୍ଚି ଦର୍ଚ୍ଚା)**

### କୁଚିଣ୍ଡା କଲେଜରେ ବିଜ୍ଞାନ ପ୍ରଦର୍ଶନୀ

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବିଜ୍ଞାନ ପରିଷଦ ଓ ଆଇକ୍ୟୁଏସିର ମିଳିତ ଆନୁକୁଲ୍ୟରେ ବିଶିଷ୍ଟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି।କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସ୍ପେନ ଓ ସାଇପ୍ରସରୁ ସାମୁଦ୍ରିକ ବିଜ୍ଞାନରେ ପ୍ରତିଷ୍ଠିତ ୪ଜଣ ପ୍ରତିନିଧି ଯୋଗ ଦେଇଥିଲେ। ମେରାଇନ ଇଞ୍ଜିନିୟର ନବୀନ କୁମାର,ଏନିସଡ୍ରିଆ ପାସ୍କୁଲ, ରୁବେନ ଡାନଚେ ଓ ଅନ୍ୟ ପ୍ରତିନିଧି ଅତିଥିଭାବେ ଯୋଗଦେଇ ନିଜର ବୈଜ୍ଞାନିକ ଅନୁଭୂତି ସହ ବିଜ୍ଞାନ ପ୍ରଦର୍ଶନୀ ବୈଜ୍ଞାନିକ ଅଗ୍ରଗତି ଓ ଜୀବିକା ଚୟନ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭାକୁ ଆଇକ୍ୟୁଏସି ଅଧ୍ୟକ୍ଷା ସୁଭଦ୍ରା ଦାସ ଓ ଇଂଲିଶ ଅଧ୍ୟାପକ କାହ୍ନୁଚରଣ ମୁନା ପରିଚାଳନା କରିଥିଲେ। ପ୍ରଦର୍ଶନୀରେ ୮ଟି ଗ୍ରୁପ ଅଂଶଗ୍ରହଣ କରି ସେମାନଙ୍କ ପ୍ରକଳ୍ପ ପରୀକ୍ଷଣ ସମେତ ମଡେଲ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଦେଶୀ ଅତିଥିଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ପ୍ରମୋଦରଞ୍ଜନ ଦାସ, ଅଧ୍ୟାପକ ନିର୍ମଳ ଓର୍ମା, ପରମଜିତ ନାୟକ, ସତ୍ୟମ ପଟେଲ, ଦିଲୀପ ନନ୍ଦ, ସୁଜିତ ପୃଷେଠ, ଅଧ୍ୟାପିକା ରତ୍ନପ୍ରିୟା ନାୟକ, ଦେଓଲା ମାଝି, ମଞ୍ଜୁଶ୍ରୀ ଦାସ ସହଯୋଗ କରିଥିଲେ।

# ଭୀମଭୋଇ କଲେଜର ବାର୍ଷିକ କ୍ରୀଡ଼ା

**ରେଢାଖୋଲ,୫।୨(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ଭୀମଭୋଇ କଲେଜର ବାର୍ଷିକ କ୍ରୀଡ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ସମାରୋହରେ ଅଧ୍ୟକ୍ଷ ଦିଲ୍ଲୀପ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରାଣୀଧନ ଚିକିତ୍ସିକ ଡା.ରୁବିରାଣି ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ପରିଷଦ ଉପସଭାପତି ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ପ୍ରଶିକ୍ଷିକା ନମ୍ରତା ସମଦର୍ଶିନୀ ସାହୁ ଓ ନାକଟୀଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ରୀୟ ପ୍ରଧାନ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ ୩ ପୁରୁଷ ବର୍ଗରେ କାହ୍ନା ଚରଣ ପ୍ରଧାନ, ମହିଳା ବର୍ଗରେ ଭାରତୀ ଲାକ୍ରା, ଯୁକ୍ତ ୨ ପୁରୁଷ ବର୍ଗରେ ରୋଶନ କୁମାର ସାହୁ, ମହିଳା ବର୍ଗରେ ସରସ୍ୱତୀ ସଏ ଚମ୍ପିୟନ ହୋଇଥିଲେ। ଚାମ୍ପିୟନ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡ. ଭୋଜରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଡ.ରବିଚନ୍ଦ୍ର ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର କର, ପ୍ରାଧ୍ୟାପିକ ସୁପ୍ରିୟା ମଲ୍ଲିକ, ପ୍ରାଧ୍ୟାପିକା ମମତା ମହାପାତ୍ର, ଅଧ୍ୟାପକ ସୁଶାନ୍ତ ନନ୍ଦ, ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ରାଜେଶ ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ।



ଅତିଥିମାନଙ୍କ ସହ କୃତୀ କ୍ରୀଡାବିତ୍‌ମାନେ।

# ବୁଢ଼ାରଜା ଡାକଘର ବାଟମୁହଁରେ ଆବର୍ଜନା

**ସମ୍ବଲପୁର,୫।୨(ଭବାନୀ ଶଙ୍କର ଭୋଇ)**

ଆମ ପଡ଼ାର ହାଲ

ସମ୍ବଲପୁର ମହାନଗର ନିଗମର ୨୭ ନମ୍ବର ୱାର୍ଡ ଅନ୍ତର୍ଗତ ବିମଲ ହୋତା ଗଳିର ଅବସ୍ଥା କହିଲେ ନ ସରେ। ଜଣେ ଗଳି ଭିତରକୁ ପଶିବା କ୍ଷଣି ଏଠାରେ ପରିମଳ ଅବସ୍ଥା ସ୍ୱଚକ୍ଷୁରେ ଦେଖିପାରିବ। ଏହି ଗଳିରେ ରହିଛି ବୁଢାରଜା ଅଞ୍ଚଳର ଡାକଘର। ସେଥିପାଇଁ ପ୍ରତିଦିନ ଶହଶହ ଲୋକ ଡାକ ଘରକୁ ବିଭିନ୍ନ କାମ ନେଇ ଆସିଥାନ୍ତି। ବିଶେଷ କରି ବହୁ ସଂଖ୍ୟାରେ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ପେନସନ ନେବା ପାଇଁ ଡାକଘରକୁ ପ୍ରତିମାସ ପହଞ୍ଚିଥାନ୍ତି। ତା ସହ ସୁଭଦ୍ରା ଏବଂ ଅନ୍ୟ ସରକାରୀ କାର୍ଯ୍ୟରେ ଆବଶ୍ୟକ ଆଧାର କାର୍ଡ ସଂଶୋଧନ ପାଇଁ ବହୁ ଲୋକ ଡାକ ଘରକୁ ଆସିଥାନ୍ତି। ଏପରିକି ଏହି ବିମଲ ହୋତା ଗଳି ଭିତରେ ଉତ୍ତରାଞ୍ଚଳ ଆରଡିସିଙ୍କ ଯୁଗ୍ମ ସଚିବ ଙ୍କ ସମେତ ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ମଧ୍ୟ ଏହି ଗଳିରେ ଅବସ୍ଥାନ କରୁଛନ୍ତି। ତଥାପି ଏହି ଗଳିରେ ସଫେଇ କାର୍ଯ୍ୟ ପ୍ରତି ମହାନଗର ନିଗମର ଧ୍ୟାନ ନାହିଁ। ଠିକ୍ ଡାକ ଘର ବାଟ ମୁହଁରେ ଆବର୍ଜନା ମାସମାସ ଧରି ପଡି ରହୁଛି। ସମ୍ବଲପୁର ସହର ମଝିରେ ରହିଥିବା ସତ୍ତ୍ୱେ ମହାନଗର ନିଗମର ନଜର ନ ପଡି ଦୁର୍ଭାଗ୍ୟର ବିଷୟ ବୋଲି ବିମଳହୋତା ଗଳି ବାସିନ୍ଦା ଡାକ୍ତର ଅନୀଲ ଚନ୍ଦ୍ର ଦାଶ କହିଛନ୍ତି। ସ୍ଥାନୀୟ ବାସୀନ୍ଦା ଡା. ପ୍ରମୋଦ ପୁରୋହିତ କହନ୍ତି, ଗଳି ରାସ୍ତାକଡ ଏକ ଅବ୍ୟବହୃତ ସ୍ଥାନରେ ଲୋକେ ଆବର୍ଜନା ପକାଉଥିଲେ। ସେହି ସ୍ଥାନର ବାଉଣ୍ଡାରୀ ଭାଙ୍ଗିଯିବା ପରେ ଆବର୍ଜନା ରାସ୍ତା ଉପରେ ଅନେକ ଦିନ ହେବ ଗଦା ହୋଇଛି। ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ସମୟରେ ଅବଗତ କରାଯାଇଛି। ଅଭିଯୋଗ ପରେବି ଆବର୍ଜନା ହଟା ନ ଯିବା ଦୁର୍ଭାଗ୍ୟର ବିଷୟ। ଏ ନେଇ ମହାନଗର ନିଗମ ଏନଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ ସାହୁଙ୍କୁ ପଚାରିବାରୁ ସମ୍ପୃକ୍ତ ଗଳି ସଂକୀର୍ଣ୍ଣ ଥିବାରୁ ଜେସିବି ଦ୍ୱାରା ସଫେଇ କରିବାରେ ସମସ୍ୟା ହେଉଛି। ଖୁବ୍‌ଶୀଘ୍ର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରି ଭଙ୍ଗା ପାଚେରି ଓ ଆବର୍ଜନା ହଟାଯିବ ବୋଲି ସେ କହିଛନ୍ତି।



ବୁଢାରଜା ଡାକ ଘର ସାମନାରେ ଦୀର୍ଘଦିନ ହେବ ପଡି ରହିଥିବା ଆବର୍ଜନା।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ବେଲପଡ଼ା,(ମନୋଜ କୁମାର ମିଶ୍ର): ବେଲପଡ଼ା ବ୍ଲକ ମଣ୍ଡଳ ଗ୍ରାମର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ୟୁନିଟ ପକ୍ଷରୁ କେନକେବା ଗ୍ରାମରେ ସପ୍ତାହ ବ୍ୟାପୀ ଚାଲିଥିବା ସେବା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ଠାକୁର ଉଦ୍‌ଘାଟନ କରିଥିଲେ । ପ୍ରୋଗ୍ରାମ ଅଫିସର ବିକାଶ ସାହୁଙ୍କ ତତ୍ତ୍ୱାବଧାନରେ ଶିବିରାର୍ଥୀମାନେ ରାସ୍ତାଘାଟ ସଫା କରିବା ସହ ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନ କରିଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ଦେବ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମାଜ ସେବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ ।

## ସଂକ୍ଷେପରେ

### କବି କ୍ଷୀରୋଦ୍ରଙ୍କୁ ମିଳିଲା ସମ୍ମାନସୂଚକ ଡକ୍ଟରେଟ ଉପାଧି

ପାଟଣାଗଡ,୫।୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ବରପିଟା ଗ୍ରାମର ଯୁବ କବି ତଥା କୋଶଲି ଭାଷା କର୍ମୀ କ୍ଷୀରୋଦ୍ର କୁମାର ସାହୁଙ୍କୁ ସାହାରା ଚେରିଟେବୁଲ ଟ୍ରଷ୍ଟ ,ସନ୍ଥ କବିର ନଗର ,ଉତ୍ତରପ୍ରଦେଶ ତରଫରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। କବି ସାହୁ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲା କବିତା ,ଗଳ୍ପ ରଚନା କରିବା ସହିତ କୋଶଲି ସାହିତ୍ୟ ପତ୍ରିକା କଟୋର ସମ୍ପାଦନା ମଧ୍ୟ କରିଆସୁଛନ୍ତି। ସାହୁଙ୍କୁ ଏହି ଉପାଧି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

### ଘୁଷୁରାମୁଣ୍ଡାକୁ ହରାଇ ନକଟାସର ଫାଇନାଲରେ

**୧୧ ତମ ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ମୁରିବାହାଲ,୫।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୧ତମ ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ପ୍ରଥମ ସେମି ଫାଇନାଲ ଖେଳ ହୋଇଥିଲା। ଏଥିରେ ଘୁଷୁରାମୁଣ୍ଡାକୁ ହରାଇ ନକଟାସର ଦଳ ଫାଇନାଲରେ ପ୍ରବେଶ କରିଛି। ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ଖେଳ ଘୁଷୁରାମୁଣ୍ଡା ଓ ନକଟାସର ମଧ୍ୟରେ ହୋଇଥିଲା । ଏଥିରେ ନକଟାସର ୪-୦ ଗୋଲରେ ବିଜୟ ଲାଭ କରିଛି । ଏହି ଅବସରରେ ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ଡା. ସୁବ୍ରତ କୁମାର ମହାକୁର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଭବାନୀ ଶଙ୍କର ଶର୍ମା, ତରଣୀ ସେନ ଦୀପ, ମକୁନ୍ଦ ବାଗଡି, ଲକ୍ଷ୍ମୀ ଧରୁଆ, ପ୍ରକାଶ ବଘାର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

### ନୂଆ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗୀର,୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ନୂତନ ଜିଲା ଶିକ୍ଷା ଅଧିକାରୀ ଭାବେ ପ୍ରଦୀପ ନାଗ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମଙ୍ଗଳବାର ଜିଲାର ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ଜୁନିୟର ରେଡକ୍ରସ ସୋସାଇଟି, ଭାରତ ସ୍କାଉଟ ଓ ଗାଇଡ, ଏନ୍‌ପିଏସ ସଂଘ, ଜିଲା ଏକ୍ସକ୍ୟାଡର ଶିକ୍ଷକ ସଂଘ, ଲେଭେଲ-୪ ଏନ୍‌ପିଏସ ଶିକ୍ଷକ ସଂଘ, ପାରାଟିଚର ଶିକ୍ଷକ ସଂଘ, ଜିଲାର ବିଭିନ୍ନ ବିଦ୍ୟାଳୟ ଶିକ୍ଷକମାନେ ବ୍ୟକ୍ତିଗତ ଭାବେ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ନାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ଯୁବ ଅଧ୍ୟାପକଙ୍କ ବିୟୋଗରେ ଶୋକ

ଲୋଇସିଂହା,୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ଯୁବ ଆଇଟି ଅଧ୍ୟାପକ ସୁମନ୍ତ ପଧାନ(୩୩)ଙ୍କ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପୂର୍ବାହ୍ନରେ ପରଲୋକ ଘଟିଛି । ଗତ ଦୁଇବର୍ଷ ହେଲା ସେ କିଡ୍‌ନୀ



ରୋଗରେ ପୀଡିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ମା' ବାପା, ସ୍ତ୍ରୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଖବର ପାଇ କଲେଜର ଅଧ୍ୟାପିକା,ଅଧ୍ୟାପକ ଓ ଛାତ୍ରୀଛାତ୍ର ମହଲରେ ଶୋକର ଛାୟା ଖେଳିଯାଇଛି। ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ସାହୁ, ସହକର୍ମୀ ଜଗନ୍ନାଥ ମହାପାତ୍ର, ସମୀର ଦାନୀ, ଦେବେନ୍ଦ୍ର ପଧାନ ଓ ବିକାଶ ପଧାନ ପ୍ରମୁଖ ଶେଷଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ କଲେଜରେ ଅଧ୍ୟକ୍ଷ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ ଓ ସରଳ ହୃଦୟ ମଣିଷ ଥିଲେ ବୋଲି ଅଧ୍ୟକ୍ଷ ସାହୁ କହିଥିଲେ । ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରକାଶ ଯେ ଲୋଇସିଂହା ନିର୍ବାଚନମଣ୍ଡଳୀ ପୁଇଁତଲା ବ୍ଲକ ସାଉନ୍ତପୁର ଗ୍ରାମର ସୁମନ୍ତ ୨୦୧୬ ମସିହାରୁ ଉକ୍ତ ମହାବିଦ୍ୟାଳୟରେ ମ୍ୟାନେଜମେଣ୍ଟ ପକ୍ଷରୁ ଆଇଟି ଅଧ୍ୟାପକ ଭାବେ ନିଯୁକ୍ତ ହୋଇଥିଲେ।

# 'ଜିଲାର ସମସ୍ତ ଗାଁର ବିକାଶକୁ ଗୁରୁତ୍ୱ'

ବଲାଙ୍ଗୀର,୫।୨(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ମିଶନ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜିଲା ପରିଷଦ ସଭାପତି, ଜିଲାପାଳ, ଅନ୍ୟ ପଦାଧିକାରୀ ଓ ପ୍ରତିନିଧି ।

ଖୋର୍ଦ୍ଧା ଜିଲାର ଜଙ୍କିଆ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ଜିଲାର ସମସ୍ତ ବ୍ଲକ ପକ୍ଷରୁ ଶୁଭାରମ୍ଭ କାର୍ଯ୍ୟକ୍ରମର ଆଭାସୀ ସିଧା ପ୍ରସାରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଗୁଡିକରେ ସହସ୍ରାଧିକ ମହିଳା ଓ ପୁରୁଷ ଯୋଡି ହୋଇଥିଲେ। ବଲାଙ୍ଗୀର ସଦର ମହକୁମାସ୍ଥିତ ମିଶନ ଖେଳପଡିଆଠାରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶାର ଶୁଭାରମ୍ଭ ସଭାର ଅଭାସୀ ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ସଦର ବିଡ଼ିଓ ହୃଷୀକେଶ ଗଣ୍ଡ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା, ଦିନେଶ ଶର୍ମା, ଅମରଜିତ ପଟେଲ, ଶ୍ରୀକାନ୍ତ ଜାଲ ଏବଂ ଜିଲାସ୍ତରୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ଅଭିଭାଷଣକୁ ଉପସ୍ଥିତ ମହିଳା, ପୁରୁଷ ଓ ଅଧିକାରୀ ଶୁଣିଥିଲେ। ୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବା ଏବଂ ରାଜ୍ୟର ସମସ୍ତ ଗାଁକୁ ବିକଶିତ ଗାଁ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସଭା ପରେ ଜିଲାପାଳ ଇସଲଓ୍ୱାର ବଲାଙ୍ଗୀର ଜିଲାରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ କିଭଳି ସଫଳତା ହାସଲ କରିବ ଏହା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

**ବଲାଙ୍ଗୀରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ**

ଲୋକପ୍ରତିନିଧିଙ୍କ ପ୍ରସ୍ତାବ ମୁତାବକ ବିଭିନ୍ନ ଜନହିତକର ପ୍ରକଳ୍ପ ଅନୁମୋଦନ ସକାଶେ ପଠାଯିବ ବୋଲି କହିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦିଆଯିବ। ବିଶେଷ କରି ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ତଥା ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସଭାରେ ସୂଚନା ଦିଆଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିକଶିତ ଗ୍ରାମ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ



କଣ୍ଟାବାଞ୍ଜିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୫।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ୨୨ ଗୋଟି ଗ୍ରାମ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଓଡିଶା ଜୀବିକା ମିଶନର ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ନେଇ ବୁଧବାର ଦିନ ବ୍ଲକ ପରିସରରେ ବିକଶିତ ଗ୍ରାମ ଓ ବିକଶିତ ଓଡିଶା ଯୋଜନାର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଟ ଅଧ୍ୟକ୍ଷତା କରିଥିଲେ। ଏହାପରେ ବିପିଏମ ଗୋପାଳ କୃଷ୍ଣ ଦୀପଙ୍କ ସଂଯୋଜନାରେ ସଭା ହୋଇଥିଲା । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ମୁରିବାହାଲ ସିଡପିଓ ପୂର୍ଣ୍ଣିମା ବୈଠାରୁ, ଗଙ୍ଗାଧର ହେର୍ଣ୍ଣା ମଞ୍ଚାସୀନ ଥିଲେ । ରାଜ୍ୟ ସରକାରଙ୍କ ଏପରି ଯୁଗାନ୍ତକାରୀ ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିବା ସହ ଏହାଫଳରେ ଆଗାମୀ ଦିନରେ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଏଇଇ ଅବିନାଶ ମୋଡି, ଘେନୁରାମ ତାଣ୍ଡି, ଜିପିଓ ଗଙ୍ଗାଧର ଛତର, ରାଜୁ ନାୟକ ତଥା ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

**ଲୋଇସିଂହା,(ସୁଶାନ୍ତ ବାରିକ):** ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଲୋକାର୍ପିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପୁଟେଲ ଅଧ୍ୟକ୍ଷତା କରିଥିଲେ । ଏବିଡ଼ିଓ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ସାଂସଦଙ୍କ ଲୋଇସିଂହା ବ୍ଲକ ପ୍ରତିନିଧି ,ବିଧାୟକ ପ୍ରତିନିଧି , ପଞ୍ଚାୟତ ପ୍ରତିନିଧି, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ,ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତିର ସଦସ୍ୟା, ଏମବିକେ, ସିଆରପି, କୃଷିମିତ୍ର, ଅଙ୍ଗନୱାଡି କର୍ମୀ ଓ ସାଧାରଣ ଜନତା ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଥିଲେ।

**କଣ୍ଟାବାଞ୍ଜି,(ଗୁରୁ ଦୟାଲ ହଂସ):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର କାର୍ଯ୍ୟାଳୟସ୍ଥିତ ହାଇସ୍କୁଲ ପଡିଆରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ବୁଧବାର ଦିନ ଉଦ୍‌ଘାଟିତ ହୋଇଛି। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଏହି ପରିପ୍ରେକ୍ଷୀରେ ତୁରେକେଲା ବ୍ଲକ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷା ଧନମତି ଖୁରା, ତୁରେକେଲା ସରପଞ୍ଚ ଜଲନ୍ଧର ମହାକୁଡ, ଜିଲା ପରିଷଦ ସଭ୍ୟ କୌଶିକ ମେହେର, ସମିତି ସଭ୍ୟ ପ୍ରମୋଦ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୁଦର୍ଶନ କଟା ମଞ୍ଚାସୀନ ଥିଲେ । ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ଗାଁରେ ପଲ୍ଲୀସଭା ଏବଂ ଗ୍ରାମସଭା ଦ୍ୱାରା ଗ୍ରାମର ଉନ୍ନତି ପ୍ରସ୍ତାବ ଆଗତ କରି ସର୍ବସମ୍ମତିକ୍ରମେ କାର୍ଯ୍ୟ କରିପାରିବେ । ବ୍ଲକର ୧୯ ଗୋଟି ପଞ୍ଚାୟତର ସମସ୍ତ ଗ୍ରାମର ଉନ୍ନତି ପାଇଁ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମକୁ ସମସ୍ତ ପଞ୍ଚାୟତ ପ୍ରତିନିଧି ଏବଂ ଜନସାଧାରଣ ସହଯୋଗ କରିବା ପାଇଁ ସରପଞ୍ଚ ଜଲନ୍ଧର ମହାକୁଡ ଆହ୍ୱାନ କରିଥିଲେ । ସମସ୍ତ ଅଙ୍ଗନବାଡି କର୍ମୀ , ଆଶା କର୍ମୀ, ସିଆରପି ମେମ୍ବର, ପଞ୍ଚାୟତ ପ୍ରତିନିଧି ପ୍ରମୁଖ ସାମିଲ ଥିଲେ। ତୁଳସି ଜଗତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ପାଟଣାଗଡ,(ସଚ୍ଚିଦାନନ୍ଦ ମହାକୁର):** ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ପାଟଣାଗଡ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ଅଧ୍ୟକ୍ଷା ଲକ୍ଷ୍ମୀ ମାଝୀ, ଏନଏସି ଅଧ୍ୟକ୍ଷା ମାନସୀ ବିଶାଲ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ,ଏବିଡିଓ ମେନକା ମେହେର, ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା, ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀ ଦେବଦତ୍ତ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ , ସରପଞ୍ଚ, ସମିତି ସଭ୍ୟ, ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

**ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲାରୁ ମୁଖ୍ୟମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟର ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା । ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ,ବିଡିଓ ପ୍ରିୟ ରଞ୍ଜନ କୁମାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ହାତୀସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ,ଏମବିକେ, ସିଆରପିସିଏମମାନେ ଉପସ୍ଥିତ ଥିଲେ। ଶିବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ଖପ୍ରାଖୋଲ,(ଅଭୟ ତ୍ରିପାଠୀ):** ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଲୋକସଭା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ ଯୋଗଦେଇ ଯୋଜନାର ଲକ୍ଷ୍ୟ ଓ ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟନ ନାଏକ ପ୍ରମୁଖଙ୍କ ଉଦ୍‌ବୋଧନ ଆଭାସୀ ମାଧ୍ୟମରେ ଉପସ୍ଥିତ ଜନସାଧାରଣ ଓ ମହିଳା ଶୁଣିଥିଲେ। କନିଷ୍ଠ ଯନ୍ତ୍ରୀ ରାଜ କିଶୋର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବୈଦ୍ୟନାଥ ମିଶ୍ର, ସୁଶୀଲ ଗୁରୁ, ମୁନା ପୁରୋହିତ , ବ୍ଲକ ଅର୍ଥ ଅଧିକାରୀ ହରେକୃଷ୍ଣ ମେହେର, କୁଳମଣି ଭୋଇ, ସୁମତୀ ପ୍ରଧାନ,ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ , ଏମବିକେ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ। ଡ ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିପିଡିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




ମୁରିବାହାଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ଜିଲା ଯୁବ-ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ




ବଲାଙ୍ଗୀର ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର,୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୋହନ ଭାଗବତଙ୍କ ଭୁବନେଶ୍ୱର ଗସ୍ତକୁ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରିଥିବା ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ଓ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରିବା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଉପରେ ପ୍ରଶ୍ନ ଉଠାଇ ଅସମ୍ମାନ କରିଥିଲେ । ଏଣୁ ତାଙ୍କ ଭୁବନେଶ୍ୱର ଗସ୍ତ ସମୟରେ ଓଡିଶା ଛାତ୍ର କଂଗ୍ରେସ ସଭାପତି ପ୍ରଧାନ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ । କିନ୍ତୁ ଭାଜପା ସରକାର ବିରୋଧୀଙ୍କ ପାଟି ବନ୍ଦ କରିବା ପାଇଁ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଓ କଂଗ୍ରେସ କର୍ମୀମାନଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରିଥିଲା। ଏହାକୁ ବିରୋଧ କରି ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ ନେତା ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ବରିଷ୍ଠ କଂଗ୍ରେସ ନେତା ଉମା ଶଙ୍କର ପଣ୍ଡା, କୈଳାଶ ମିଶ୍ର, ଜିଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁ, ବ୍ରଜ କିଶୋର ସେଠୀ, ରଜାକ୍ ଖାନ, ଜିଲା ଛାତ୍ର କଂଗ୍ରେସ ପ୍ରବକ୍ତା ନିତିଶ ପଧାନ, ଲୋଇସିଂହା ଯୁବ କଂଗ୍ରେସ ସଭାପତି ସଞ୍ଜୀବ ନାଗ, ଦିନେଶ ସାହୁ, ଆୟାସ ପଣ୍ଡା, ଚନ୍ଦନ ସାହୁ, ପଞ୍ଚାନନ ସା, ରିତେଶ ବେଦବାକ, ପ୍ରୀତମ ସୁନା, ହେପି ସାଏ, ପ୍ରତୀକ ପଧାନ ଉପସ୍ଥିତ ଥିଲେ ।

### ହରଭଙ୍ଗା ତଳମୁଣ୍ଡରେ ସେତୁ ନିର୍ମାଣ ପଦକ୍ଷେପକୁ ନେଇ ଅସନ୍ତୋଷ

ଲୋଇସିଂହା,୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଦେଇ ଅଙ୍ଗନଦୀ ସୁବର୍ଣ୍ଣପୁର ଜିଲାକୁ ବହି ଯାଇଛି । ଅଙ୍ଗନଦୀର ଆଗଲପୁର ବ୍ଲକ ହରଭଙ୍ଗା ଓ ସୁବର୍ଣ୍ଣପୁର ଜିଲାର ଦିଗଶିରା ମଧ୍ୟରେ ଏକ ସେତୁ ନିର୍ମାଣ ପାଇଁ ସର୍ଭେ ଓ ମାଟି ପରୀକ୍ଷା କାମ ସରିଯାଇଥିଲା। ହେଲେ ଏବେ ସେଠାରେ ସେତୁ କାମ ନ କରି ଅନ୍ୟତ୍ର ବା ହରଭଙ୍ଗା ଗାଁ ତଳମୁଣ୍ଡରେ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଯୋଜନା ଚାଲିଛି। ଏହାକୁ ନେଇ ହରଭଙ୍ଗା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଅଙ୍ଗନଦୀର ଡାହାଣପଟରେ ଆଗଲପୁର ବ୍ଲକ ହରଭଙ୍ଗା ଓ ବାମପଟରେ ଦିଗଶିରା ଗାଁ ରହିଛି । ହରଭଙ୍ଗା ନିକଟସ୍ଥ ଡଙ୍ଗାଘାଟରେ ସେତୁ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ସର୍ଭେ ହୋଇଥିଲା। ଏପରିକି ସେହି ସ୍ଥାନରେ ମାଟି ପରୀକ୍ଷଣ କାମ ସରିଥିଲା । ହେଲେ ସେହି ସ୍ଥାନରେ ସେତୁ ନିର୍ମାଣ ନ କରି ତଳମୁଣ୍ଡରେ ନିର୍ମାଣ ପାଇଁ ଏବେ ବିଭାଗ ପକ୍ଷରୁ ମାଟି ପରୀକ୍ଷଣ କାର୍ଯ୍ୟ କରାଯାଉଛି । ଏହା ଜଣାପଡିଲା ପରେ ହରଭଙ୍ଗା ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏବେ ଯେଉଁ ସ୍ଥାନରେ ସେତୁ ନିର୍ମାଣ ପାଇଁ ଯୋଜନା କରାଯାଉଛି । ସେଠାରେ ସେତୁ ହେଲେ ଉଦ୍ଦେଶ୍ୟ ସାଧିତ ହେବନାହିଁ ବୋଲି ଗ୍ରାମବାସୀ କହୁଛନ୍ତି । ପୂର୍ବ ନିର୍ଦ୍ଧାରିତ ସ୍ଥାନ ଯାହାକି ଡଙ୍ଗାଘାଟରେ ସେତୁ ହେଲେ ନଦୀର ଉଭୟ ପଟରେ ଥିବା ଗାଁ ଲୋକ ସୁବିଧା ପାଇ ପାରିବେ ବୋଲି କୁହାଯାଉଛି । ସେତୁ ନିର୍ମାଣରେ ସ୍ଥାନ ପରିବର୍ତ୍ତନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ହରଭଙ୍ଗା ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଲକ୍ଷାଧିକ ଟଙ୍କାର କାଠ ପଟା ଜବତ: ୨ଅଟକ

ଦେଓଗାଁ,୫।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଜବତ କାଠପଟା ।

ଦେଓଗାଁ ବନାଞ୍ଚଳ ଅଧୀନ ଶାସନପାଲି ଓ ବଡଙ୍ଗୋମୁଣ୍ଡା ଗାଁରେ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ୬ଟି ଟିମ୍ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠପଟା ଜବତ କରିଥିବା ଜଣାପଡିଛି ।

ପ୍ରକାଶ ଯେ, ବଡଙ୍ଗୋମୁଣ୍ଡା ଗାଁର ବାହାଦୁର ପଧାନ ଓ ଶାସନପାଲି ଗାଁର ଅରୁଣ କୁମାର ସାହୁଙ୍କ ଘରୁ ଶାଗୁଆନ ପଟା ସମେତ ଅନ୍ୟାନ୍ୟ କାଠ ପଟା, କାଠ କାଟିବା ପାଇଁ ବ୍ୟବହୃତ ଯନ୍ତ୍ରପାତି ଜବତ ହୋଇଛି । ଏହି ଘଟଣାରେ ୨ଜଣଙ୍କୁ ଦେଓଗାଁ ରେଞ୍ଜ ଅଫିସରେ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ରେଞ୍ଜର ଯୁଧିଷ୍ଠିର ଜାଲ ସୂଚନା ଦେଇଛନ୍ତି । ଏ ନେଇ ରେଞ୍ଜର ଜାଲଙ୍କୁ ପଚାରିବାରେ ଆନୁମାନିକ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠପଟା, ଯନ୍ତ୍ରପାତି ଜବତ କରାଯାଇଥିବା ବେଳେ ତଦନ୍ତ ଚାଲିଥିବା କହିଛନ୍ତି ।

# ଘରକୁ ଫେରୁଛନ୍ତି ୬ ପରିବାର

**ତେଲଙ୍ଗାନାରେ ଦାଦନ ଶ୍ରମିକ ନିର୍ଯାତନା ଘଟଣା**

**ଧରିତ୍ରୀ ପ୍ରଭାବ**

ଲାଠୋର,୫।୨(ଭୁବନେଶ୍ୱର ବାରିକ)

କାମ କରିବାକୁ ତେଲଙ୍ଗାନା ଯାଇ ସେଠାରେ ଜଣେ ଇଟାଭାଟି ମାଲିକଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ଢୋଲମାନ୍ଦଲ ଗ୍ରାମର ୬ ଦାଦନ ଶ୍ରମିକ ପରିବାର ଘରକୁ ଫେରୁଥିବା ସୂଚନା ମିଳିଛି ।

ପ୍ରକାଶ ଯେ, ଢୋଲମାନ୍ଦଲ ଗ୍ରାମର ଶ୍ୟାମସୁନ୍ଦର ପରାଭୁଏ, ପରକ୍ଷୀତ ପରାଭୁଏ, ସୁରଭି ପରାଭୁଏ, ଶତ୍ରୁଘ୍ନ ପରାଭୁଏ, ଖେତୁ ମାଝି ଏବଂ ଖଗେଶ୍ୱର ମାଝିଙ୍କ ପରିବାରବର୍ଗଙ୍କୁ ତୁରେକେଲା ଗ୍ରାମର ଜଣେ ଦଲାଲ ଗତ ନଭେମ୍ବର ମାସରେ କିଛି ଟଙ୍କା ଅଗ୍ରୀମ ଦେଇ ତେଲଙ୍ଗାନାର ସାଙ୍ଗାରେଡ଼ି ଜିଲା ଭୋଲାରାମ ଥାନା ଅଧୀନ କିଷ୍ଟାପଲ୍ଲୀସ୍ଥିତ ଏକ ଇଟା ଭାଟିକୁ ଇଟା ଗଢ଼ିବାକୁ ନେଇଥିଲେ। କିନ୍ତୁ ସେଠାରେ ସେମାନଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ଜଣେ ଶ୍ରମିକଙ୍କ ପରିବାରର ସଦସ୍ୟା ଭଗବତୀ ପରାଭୁଏ ଗତ ୩୧ ତାରିଖରେ ବଲାଙ୍ଗୀର ଶ୍ରମ କାର୍ଯ୍ୟାଳୟକୁ ଯାଇ ସଂପୃକ୍ତ ୬ ଶ୍ରମିକ ପରିବାର ସେଠାରେ ନିର୍ଯାତିତ ହେଉଥିବା ଅଭିଯୋଗ କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। ଏହାକୁ ନେଇ ଦୈନିକ ଧରିତ୍ରୀରେ ଗତ ୩ ତାରିଖ ଦିନ 'ତେଲଙ୍ଗାନାରେ ଦାଦନ ଶ୍ରମିକ ନିର୍ଯାତିତ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଶ୍ରମ ବିଭାଗ ତତ୍ପରତା ପ୍ରକାଶ କରି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲା। ସେଠାକାର ଶ୍ରମ ବିଭାଗକୁ ଯୋଗାଯୋଗ କରି ଶ୍ରମିକ ପରିବାର ସଦସ୍ୟଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଥିଲା। ସେହିଦିନ ସନ୍ଧ୍ୟାରେ ଇଟାଭାଟି ମାଲିକ ଗାଡ଼ି ଟିକେଟ ବାବଦକୁ ଜଣ ପିଛା ୫ ଶହ ଲେଖାଏ ଟଙ୍କା ଦେଇ ନିଜ ଟ୍ରାକ୍ଟର ଯୋଗେ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆଣି ଛାଡ଼ି ଦେଇଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଶ୍ରମିକମାନେ ଗୁରବାର ଦିନ ନିଜ ନିଜ ଘରେ ପହଞ୍ଚିବେ ବୋଲି କହିଛନ୍ତି। ତେବେ ସେମାନଙ୍କୁ ତେଲଙ୍ଗାନା ପଠାଇଥିବା ତୁରେକେଲା ଗ୍ରାମର ଦଲାଲ ଫୋନ କରି ଅଗ୍ରୀମ ଆକାରରେ ନେଇଥିବା ଟଙ୍କା ନ ଫେରାଇଲେ ଅନ୍ୟ ସ୍ଥାନକୁ କାମ କରିବା ପାଇଁ ଯିବ ବୋଲି ଶ୍ରମିକମାନଙ୍କୁ ଚାପ ପକାଉଥିବା କୁହାଯାଉଛି। ସଂପୃକ୍ତ ବ୍ୟକ୍ତି ଜଣେ ଲାଇସେନ୍ସପ୍ରାପ୍ତ ଦଲାଲ କି ନୁହେଁ ଓ ଏହି ଶ୍ରମିକମାନଙ୍କୁ ସେ ସରକାରୀ ନିୟମ ଅନୁସାରେ ନେଇଥିଲେ କି ନାହିଁ ଏସବୁ ଦିଗରେ ଶ୍ରମ ବିଭାଗ ଖୋଳତାଡ଼ କରିବା ପାଇଁ ଶ୍ରମିକମାନେ ଦାବି କରିଛନ୍ତି। ଅପରପକ୍ଷରେ ଆମେ ତ ଗରିବ ପରିବାର। ଅଗ୍ରୀମ ଆକାରରେ ଦିଆଯାଇଥିବା ଟଙ୍କା ଯିବା ଆସିବା ତଥା ଖାଇବାରେ ସାରି ଦେଇଛୁ ଏବେ ଆମକୁ ଟଙ୍କା ମାଗିଲେ କେଉଁଠୁ ଆଣି ଦେବୁ ବୋଲି କହିଛନ୍ତି। ଏବେ ପରିବାର କେମିତି ଚଳାଇବୁ ସେହି ଚିନ୍ତାରେ ଅଛୁ ବୋଲି ପ୍ରକାଶ କରିଛନ୍ତି।

# ଚାଷୀଙ୍କୁ ସ୍ୱାବଲମ୍ବୀ କରିବ ମତ୍ସ୍ୟ, ପ୍ରାଣୀପାଳନ

ସୋନପୁର,୫।୨(ମୃତ୍ୟୁଞ୍ଜୟ ଶତପଥୀ)

ଗ୍ରାମାଞ୍ଚଳର ଲୋକମାନେ କିଭଳି ମତ୍ସ୍ୟ ଓ ପ୍ରାଣୀପାଳନ କରି ସ୍ୱାବଲମ୍ବୀ ହେବେ ତାହା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ପୋଖରୀ ଖନନଠାରୁ ଆରମ୍ଭ କରି, ମତ୍ସ୍ୟ ଚାଷ, ଗୋ, ମଇଁଷି, ଛେଳି, ମେଣ୍ଢା, କୁକୁଡା ଓ ବତକ ପାଳନ ପାଇଁ ସବ୍‌ସିଡି ଏବଂ ଋଣ ପ୍ରଦାନ କରାଯାଉଛି। ଚାଷୀ ଏହାର ସୁଯୋଗ ନେଲେ ଜିଲା ଧାନ ଚାଷ ଭଳି ମତ୍ସ୍ୟ ଉତ୍ପାଦନ, ଦୁଗ୍ଧ ଉତ୍ପାଦନ ଓ ପ୍ରାଣୀ ସମ୍ପଦ ବିକାଶରେ ଆହୁରି ଉନ୍ନତି କରିବ ବୋଲି ସୁବର୍ଣ୍ଣପୁରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ ମତ ରଖିଛନ୍ତି।

ସହରସ୍ଥିତ ରୟାଲ ପଡିଆରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ମେଳାରେ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ପରମାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀମାନଙ୍କ ଜୀବନ ଜୀବିକା ଏବଂ ରୋଜଗାର ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ପାଳନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସରକାର ଧାନ କିଣୁ ଥିବାରୁ ଆମେ ଧାନ ଚାଷକୁ ଅଧିକ ଗୁରୁତ୍ୱ ଦେଉଛୁ। ତେବେ ମତ୍ସ୍ୟ, ପ୍ରାଣୀ ପାଳନ ଓ କୁକୁଡା ଫାର୍ମ କଲେ ଚାଷୀଙ୍କ ଆୟ ଯଥେଷ୍ଟ ବୃଦ୍ଧି ପାଇବ। ମତ୍ସ୍ୟ, ପ୍ରାଣୀପାଳନ, କୁକୁଡା ଚାଷ ଓ ଉଦ୍ୟାନ କୃଷି ପାଇଁ ଭଲ ବଜାର ବ୍ୟବସ୍ଥା ଅଛି, ଆବଶ୍ୟକ ହେଲେ ଏହାକୁ ବଢାଇବାକୁ ହେବ। ରାଜ୍ୟ ସରକାର ମହିଳା ଓ ଯୁବ ଉଦ୍ୟୋଗୀମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏହାର ଲାଭ ଉଠାଇ ସମସ୍ତେ ଆୟ ବୃଦ୍ଧି କରି ପାରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ ଅନ୍ୟା ଦାସ ଯୋଗଦେଇ ନୂତନ ଜ୍ଞାନ କୌଶଳ ବ୍ୟବହାର କରି ଚାଷୀମାନେ ନିଜ ବ୍ୟବସାୟରେ ଅଭିବୃଦ୍ଧି କରିପାରିବେ। ଏଣୁ ସେମାନେ ପାରମ୍ପରିକ ଚାଷରେ ସୀମିତ ନରୁହନ୍ତୁ। ଦୁଗ୍ଧ ଉତ୍ପାଦନକୁ ଜିଲାରେ ଆହୁରି ବୃଦ୍ଧି କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ ଓ ସମ୍ବଲପୁର ଜିଲା ଚିପିଲିମାସ୍ଥିତ କେନ୍ଦ୍ରୀୟ ଗୋସମ୍ପଦ ପ୍ରଜନନ ଫାର୍ମର ନିର୍ଦ୍ଦେଶକ ଡାକ୍ତର ଶାରଦା ପ୍ରସନ୍ନ ସାହୁ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦର ସମ୍ପୂର୍ଣ୍ଣ ବିକାଶ ଦ୍ୱାରା ଚାଷୀଙ୍କ ଆର୍ଥିକ ଉନ୍ନତି ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଜାତୀୟ ଗୋପାଳରତ୍ନ ପୁରସ୍କାର ପାଇଥିବା ଭାସ୍କର ପ୍ରଧାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଛେଳି ଫାର୍ମ ୟୁନିଟ୍ ଭାବେ ସୋନପୁର ବ୍ଲକ ବାଇଗଣଜୁରିର ଯୋଗେଶ୍ୱରୀ ପୃଷ୍ଟି, ଶ୍ରେଷ୍ଠ ଗୋପାଳକ ବିନିକା ବ୍ଲକ ଭଣ୍ଡାର ଗ୍ରାମର କଲ୍ୟାଣୀ ହୋତା, ବୀରମହାରାଜପୁର ବ୍ଲକର ମାଛ ଜାଆଁଳ ଉତ୍ପାଦନକାରୀ ଅର୍ଜୁନ ପ୍ରଧାନ ଓ ମତ୍ସ୍ୟ ପୋଖରୀ ଯୋଜନାରେ ମାଛ ଚାଷ ପାଇଁ ତରଭା ବ୍ଲକର ଲକ୍ଷ୍ମୀ ବାରିକ୍‌ଙ୍କୁ ଅର୍ଥ ରାଶି ଓ ମୋମେଣ୍ଟୋ ଦେଇ ପୁରସ୍କୃତ କରାଯାଇଥିଲା। ସୋନପୁର ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଡାକ୍ତର ଶାରଦା ପ୍ରସନ୍ନ ସାହୁ, ବରଗଡର ସଫଳ ଚାଷୀ ତଥା ଗୌମୟୀ ପେଣ୍ଟସ୍‌ର ନିର୍ଦ୍ଦେଶକ ଦୁର୍ଗା ପ୍ରିୟଦର୍ଶନୀ, ବଲାଙ୍ଗୀର ଜିଲା ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ ଓ ସହକାରୀ ମତ୍ସ୍ୟ ଅଧିକାରୀ ଓମକାର ପାତ୍ର ପ୍ରମୁଖ ମତ୍ସ୍ୟ ଚାଷ, କୁକୁଡା ଚାଷ, ଛେଳି ଚାଷ ଓ ପ୍ରାଣୀ ପାଳନ ସମ୍ପର୍କରେ ଚାଷୀଙ୍କ ସହିତ ଜ୍ଞାନକୌଶଳ ଆଦାନ ପ୍ରଦାନ କରିଥିଲେ। ଏଥିରେ ଜିଲାର ୬ ବ୍ଲକରୁ ଶତାଧିକ ସଫଳ ଚାଷୀ ଯୋଗ ଦେଇଥିଲେ। ବିଶେଷ କରି ଗାଈ, ମଇଁଷି, ମେଣ୍ଢା, ଛେଳି, କୁକୁଡା ଓ ବତକ ଭଳି ପ୍ରାଣୀ ସମ୍ପଦର ଜୀବନ୍ତ ପ୍ରଦର୍ଶନୀ, ମାଛ ଚାଷ ଓ ବିଭିନ୍ନ କିସମର କୁକୁଡା ଚାଷର ପ୍ରଦର୍ଶନୀ ମେଳାରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା।


ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

**ସୁବର୍ଣ୍ଣପୁରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ**

# ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ସ ଅଧିକାରୀ ଓ ଅନ୍ୟ ଜନସାଧାରଣ।

ଡୁଙ୍ଗୁରିପାଲି,୫।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଆରଏମ୍‌ସି ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ଏଇ ଶୁଭନାଧ ମାଝୀ, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ସରପଞ୍ଚ, ସମିତି ସଭ୍ୟା ସଭ୍ୟା, ଜିଲା ପିଆରଆଇ ମେମ୍ବର, ଏମବିକେ, ସିଆରପିସିଏମ, ମିଶନ ଶକ୍ତି ମହିଳା, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ବିକଶିତ ଗାଁ ବିକଶିତ ଓଡିଶା ତଥା ଗ୍ରାମାଞ୍ଚଳର ଭିତିଭୂମି ବିକାଶ, ଆଗାମୀ ୫ ବର୍ଷରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସବୁ ହାତକୁ ନିଆଯାଇଥିବା ଅଭାସୀ ମାଧରେ ମୁଖ୍ୟମନ୍ତ୍ରୀ କହିଥିଲେ।

# ୧୭ ଚୋରି ବାଇକ ଜବତ, ୭ଗିରଫ

ପଦ୍ମପୁର ୫।୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ପୋଲିସ ବାଇକ୍ ଚୋରି ଅଭିଯୋଗରେ ବୁଧବାର ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାଲପାଲିର ଧନଞ୍ଜୟ(ଛୁଆବାବୁ) ସାହୁ, କଟାବାହାଲର କୁଶ ନାଗ, ଖୁଣ୍ଟପାଲିର ଦୁର୍ଯ୍ୟୋଧନ(ପିଟୁ)ବଡ଼େଇ, ତାଲପାଲିର ମାଧବ କରନାଲ, ଜନକେଡ଼ାର ଲକ୍ଷ୍ମଣ ମଲ୍ଲିକ, ମହେଶ ସାହୁ ଓ ନୁଆଗାଁର ମାୟା ତରିଆ। ଅଭିଯୁକ୍ତମାନଙ୍କଠାରୁ ୧୭ ବାଇକ୍ ଜବତ କରାଯାଇଛି। ଏ ନେଇ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଅଞ୍ଚଳରେ ବାଇକ ଚୋର ମାତିଥିବାରୁ ପୋଲିସ ପକ୍ଷରୁ ଏକ ବଡ଼ ଧରଣର ପଦକ୍ଷେପ ନେବାକୁ ଆରକ୍ଷୀ ଅଧିକ୍ଷକ ପିଏସ ମୀନା ଆଦେଶ ଦେଇଥିଲେ।ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ଅମ୍ରିତ ପାଲ କୌର ଓ ଥାନାଧିକାରୀ ମମତା ନାଏକଙ୍କ ପ୍ରତ୍ୟକ୍ଷ ଅନୁଧ୍ୟାନରେ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ୍ ବାରମ୍ବାର ଗାଇସିଲେଟ ରାସ୍ତା କୁଡାସିଂହା ଛକରେ ପଇତରା ମାରୁଥିଲେ। ଏତିକି ବେଳେ ଓଡି ୧୭ବି ୧୩୧୬ ବାଇକରେ ଧନଞ୍ଜୟ ଓ କୁଶ ନାଗକୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିଲା।

# ସାମ୍ଭୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ହରଭଙ୍ଗା,୫।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସାମ୍ଭୋଚ ଉନ୍ନୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ରାତିରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, ସରପଞ୍ଚ କଲ୍ୟାଣୀ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ପ୍ରଧାନ ବିଦ୍ୟାଳୟ ଏକ ମଣିଷ ଗଢା କାରଖାନା ବୋଲି ମତବ୍ୟକ୍ତ କରିବା ସହ ସମାଜ ପାଇଁ ଛାତ୍ରୀଛାତ୍ର ଉତ୍ସର୍ଗିକୃତ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ବିଜୟ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା 'ପେଟେଣ୍ଟ ମେଡିସିନ ନାଟକ' ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସୁନିଲ କୁମାର ସାହୁ, ଧରଣୀଧର ସାହୁ, ସନ୍ତୋଷ କୁମାର ସ୍ୱାଇଁ, କ୍ଷେତ୍ରବାସୀ ବାହୁକ, ତପସ୍ୱିନୀ ମେହେର, ପ୍ରିୟଙ୍କା ଚମ୍ପତିରାୟ, ନିରଞ୍ଜନ ଜେନା, ବିଶ୍ୱଜିତ ଲଉରିଆ, ବିଭୂତିଭୂଷଣ ପ୍ରଧାନ, ରମେଶ ପ୍ରଧାନ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କମଳଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।

# ଚୋରି ଘଟଣାରେ ଜଣେ ଗିରଫ

ଡୁଙ୍ଗୁରିପାଲି, ୫।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ପୋଲିସ ଚୋରି ଘଟଣାରେ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଛତିଶଗଡ଼ ରାଇପୁରର ଭାବେଶ ପୁଟେଲ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ଏଏସଆଇ ଜେଡି ମୋହନ ପଧାନ କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଙ୍ଗ କରୁଥିଲା ବେଳେ ପଣ୍ଡକିଟାଲ–ମାୟାବର୍ହା ରାସ୍ତାରେ ଏକ ଟ୍ରକ ଓ ଏକ କାର ଛିଡା ହୋଇଥିଲା। ପୋଲିସକୁ ଦେଖି ସେଠାରେ ଥିବା କେତେଜଣ ବ୍ୟକ୍ତି ଫେରାର ହୋଇଯାଇଥିଲେ। ପୋଲିସ ଟ୍ରକ ଭିତରୁ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଦୁଇ ଗାଡିକୁ ଜବତ କରି ଥାନାକୁ ଅଣାଯାଇଥିଲା। ଜବତ ଟ୍ରକ ଭିତରେ ୧୪ଟି ବଡ଼ ପାଣି ପାଇପ ଥିବା ଦେଖାଯାଇଥିଲା। ରାସ୍ତାପାର୍ଶ୍ୱରେ ଜଳଯୋଗାଣ ପାଇଁ ରଖାଯାଇଥିବା ପାଇପକୁ ସେମାନେ ଗାଡିରେ ଲଦି ଚୋରି କରିବା ଉଦ୍ଦେଶ୍ୟରେ ଥିଲେ ବୋଲି ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବିକଶିତ ଗାଁ ବିକଶିତ ଓଡ଼ିଶା ଜିଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।

ବୌଦ୍ଧ,୫।୨(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକ ମୁର୍ଚ୍ଛୁଣ୍ଡି ଖେଳପଡ଼ିଆ ଠାରେ ଜିଲାସ୍ତରୀୟ ବିକଶିକ ଗାଁ ବିକଶିତ ଓଡ଼ିଶାର ଶୁଭାରମ୍ଭ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବୌଦ୍ଧରେ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଡିଓ ଯୁଧିଷ୍ଠିର ମେହେର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ସିଆରପିମାନେ ଉପସ୍ଥିତ ଥିଲେ।

# ପରଗଲପୁର କପ୍ ଫୁଟବଲ: ବୌଦ୍ଧ ବିଜୟୀ


ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ହରଭଙ୍ଗା,୫।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତର ପରଗଲପୁରଠାରେ ରାଜ୍ୟସ୍ତରୀୟ ସପ୍ତମ ପରଗଲପୁର କପ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ବୁଦ୍ଧଦେବ କ୍ଲବ ପରଗଲପୁର ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ପ୍ରଥମ ଦିନ ଖେଳ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଓ ଜିଏମ୍‌ଜି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଏମ୍‌ଜି ବୌଦ୍ଧ ବିଜୟୀ ହୋଇଥିଲା। ଖେଳରେ ଜିଏମ୍‌ଜି ଦଳ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିରେନ କର୍ଣ୍ଣ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଖେଳକୁ ରେଫରି ସଲିଲ ବେହେରା, ଅମିତ ନାଏକ, ସୁଶିଲ ବେହେରା ପରିଚାଳନା କରିଥିବାବେଳେ ଫୋର୍ଥ ରେଫରି ଭାବେ ମୁକେଶ ଚନ୍ଦ୍ର ପ୍ରଧାନ କାର୍ଯ୍ୟ ତୁଲାଇଥିଲେ। ଗୁରୁବାର ସ୍ପୋର୍ଟସ ହଷ୍ଟେଲ ନୟାଗଡ ଓ ଆଲୋକ ଏଫସି ସୋନପୁର ମଧ୍ୟରେ ଅନୁଷ୍ଠିତ ହେବ।

# ବୀରମହାରାଜପୁରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ


ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧି ଓ ମହିଳାମାନେ।

ଅମରପାଲି,୫।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ମେଲଣ ପଡିଆରେ ବିକଶିତ ଗାଁବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଡିଓ ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଭାସି ମାଧମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିଥିଲେ। ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ବିକାଶ ପ୍ରମୁଖ ଲକ୍ଷ୍ୟ। ପ୍ରତି ଗାଁରେ କଂକ୍ରିଟ ରାସ୍ତା, ଡ୍ରେନେ, ପ୍ରତି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଆଦି ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଜିଲା ପରିଷଦ ସଭ୍ୟ ଲବ କୁମର ସାହୁ, ଚନ୍ଦ୍ରକାନ୍ତି ଦନ୍ତା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।

# ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଉପରେ କୁଇଜ ପ୍ରତିଯୋଗିତା

ଅମରପାଲି,୫।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବୀରମହାରାଜପୁର ଚିକିତ୍ସାଳୟ ଆନୁକୂଲ୍ୟରେ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍କୁଲ ଆମ୍ବାସେଡର ସୁଶିଲ କୁମାର ପ୍ରଧାନ, ସୁବଳୟା ପିଏଚ୍‌ସିର ଡ.ବିଶ୍ୱନାଥ ରଥ, ପିଏଚ୍‌ଇଓ ସ୍ୱର୍ଣ୍ଣପ୍ରଭା ଯୁଏଡ, ସିଏଚ୍‌ଓ ସୁଜାତା ମହନ୍ତ ଯୋଗଦେଇ ତମାଖୁର ବ୍ୟବହାର ଦ୍ୱାରା ହେଉଥିବା ରୋଗ ଓ ଏହାର କୁଦ୍‌ପ୍ରଭାବ ବିଷୟରେ ମତବ୍ୟକ୍ତ କରିଥିଲେ। ଏହା ପରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ତମାଖୁ ଉପରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାଚୀ ପାରମିତା ପଣ୍ଡା ପ୍ରଥମ, ଦିପାଶ୍ରୀ ପ୍ରଧାନ ଦ୍ୱିତୀୟ ଓ ଦିବେଶ ରଞ୍ଜନ ତାଣ୍ଡିଆ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଏକ ସଚେତନାତ୍ମକ ଶୋଭାଯାତ୍ରା କରାଯାଇ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ,ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।


ସଂଗ୍ରାମପୁର ହାଇସ୍କୁଲରେବାହାରିଥିବା ସଚେତନତା ଶୋଭାଯାତ୍ରା।

# ଭୀମ ଭୋଇଙ୍କ ପୀଠରେ ମାଘ ମେଳା ପାଇଁ ପ୍ରସ୍ତୁତି

ସୋନପୁର,୫।୨(ମୃତ୍ୟୁଞ୍ଜୟ ଶତପଥୀ)

ଭୀମ ଭୋଇଙ୍କ ସମାଧୀପୀଠ ଖଲିଆପାଲିଠାରେ ଆସନ୍ତା ୯ ତାରିଖରୁ ପବିତ୍ର ମାଘ ମେଳା ଆୟୋଜିତ ହେବ। ଏହା ୧୩ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଚାଲିବ। ଚଳିତ ମାଘ ମେଳାକୁ ଶାନ୍ତି ଶୃଙ୍ଖଳା ତଥା ସମସ୍ତଙ୍କ ସହଯୋଗରେ ବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ସୋନପୁର ଉପଜିଲାପାଳ ସୌମ୍ୟା ରୁପା ରଥଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାଘ ମେଳା କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧିକାରୀ ଓ ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ସଦସ୍ୟମାନେ ନିଜର ମତାମତ ଦେଇଥିଲେ। ଚଳିତ ମେଳାକୁ ଶାନ୍ତି ଶୃଙ୍ଖଳା ତଥା ସମସ୍ତଙ୍କ ସହଯୋଗରେ ବ୍ୟବସ୍ଥିତ ଭାବେ ଆୟୋଜନ କରାଯିବା ଉପରେ ଉପଜିଲାପାଳ ରଥ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ତଥା ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି। ସେଥିପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ନିଜର ଦାୟିତ୍ୱକୁ ମେଳା ପୂର୍ବରୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ ଭାବେ ମନ୍ଦିର ପରିସର ସଫାସୁତରା ସହ ଆବଶ୍ୟକ ମୁତାବକ ଅସ୍ଥାୟୀ ଶୌଚାଳୟ, ନିୟମିତ ବିଦ୍ୟୁତ ସରବରାହ ସହ ଆଲୋକୀକରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସମ୍ବର୍ଦ୍ଧନା ସଭା ଆୟୋଜନ, ପାନୀୟ ଜଳର ସୁବ୍ୟବସ୍ଥା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ସମ୍ପାଦକ ଜନ୍ମେଜୟ ସ୍ୱାଇଁ ମେଳାର ବିଭିନ୍ନ କାର୍ଯ୍ୟ ଖସଡ଼ା ଉପରେ ଆଲୋକପାତ କରିଥିଲେ। ବୈଠକରେ ପୀଠର ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ ସମସ୍ତଙ୍କୁ ସୱାଗତ କରିବା ସହ ସହଯୋଗ କାମନା କରିଥିଲେ । ବୈଠକରେ ଉପ ଆରକ୍ଷୀ ଅଧିକାରୀ ପ୍ରତାପ ଚନ୍ଦ୍ର ରଣା, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବାବା ସନ୍ୟାସୀ ଦାସ, ଅବକାରୀ ଅଧିକ୍ଷକ ପ୍ରବୀର ସାମଲ, ବିଭିନ୍ନ ବିଭାଗର ଅଧିକାରୀ, ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ତଥା ମେଳା କମିଟି ସଦସ୍ୟ ଯୋଗଦାନ କରିଥିଲେ ।


ବୈଠକରେ ଅଧିକାରୀ ଓ ଟ୍ରଷ୍ଟର କର୍ମକର୍ତ୍ତାମାନେ।

# ପ୍ରଭାବିତ ପରିବାରକୁ ମିଳିବ କ୍ଷତିପୂରଣ, ସହାୟତା

ସୁନ୍ଦରଗଡ,୫।୨(ଜୟ ନାରାୟଣ ମେଣ୍ଡୁଲି)

ଜିଏମଡିସି କମ୍ପାନୀ ତରଫରୁ ସୁନ୍ଦରଗଡ଼ ଜିଲା ଝାରପଲଙ୍କ, ଭୋଗରାକଚ୍ଛାର ଓ ମୁଣ୍ଡେରଖେତ ଗ୍ରାମରେ ବୁଢାପାହାଡ କୋଇଲା ଖଣି ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଭାବିତ ଗ୍ରାମବାସୀଙ୍କ ସହିତ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ସହ ଜମି ଅଧିଗ୍ରହଣର ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବୁଢାପାହାଡ କୋଇଲା ଖଣି ପ୍ରକଳ୍ପ ଦ୍ୱାରା ହେମଗିରି ତହସିଲ ଅନ୍ତର୍ଗତ ଝାରପଲଙ୍କ, ଭୋଗରାକଚ୍ଛାର, ମୁଣ୍ଡେରଖେତ, ବିଜାହାନ, ଜାମୁକାନି, ବିଲେଇମୁଣ୍ଡା ଓ ଚକ୍ରା ପ୍ରଭାବିତ ହେବ। ଏହି ସମସ୍ତ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ଯଥୋଚିତ ପଦକ୍ଷେପ ନିଆଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରଭାବିତ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଯୁବତୀ ଯୁବକଙ୍କ ପାଇଁ ଦକ୍ଷତା ପ୍ରଶିକ୍ଷଣ, ସୋଲାର୍ ଲାଇଟ, ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢା ଓ ଖେଳ ସାମଗ୍ରୀ ବଣ୍ଟନ ଏବଂ ମହିଳାଙ୍କୁ ସାବଲମ୍ବୀ କରିବା ନିମନ୍ତେ ବିଭିନ୍ନ ପ୍ରଶିକ୍ଷଣ ସହିତ ସାମଗ୍ରୀ ସହାୟତା ଦିଆଯାଇଛି। ଏଥିସହ ଅନେକ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ସହ ଭ୍ରାମ୍ୟମାଣ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଏହି କୋଇଲା ବ୍ଲକ ଦ୍ୱାରା ପ୍ରଭାବିତ ପରିବାରଙ୍କୁ ସର୍ବୋତ୍ତମ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଅନୁଯାୟୀ ଖନନ ହେବ। ପ୍ରଭାବିତ ଗ୍ରାମଗୁଡିକର ବେଞ୍ଚ ମାର୍କ ମୂଲ୍ୟ (ଏମଭି), ୧୭ ମେ ୨୦୨୪ ତାରିଖରେ ପ୍ରକାଶିତ ୪ (୧) ବିଜ୍ଞପ୍ତି ସମୟର ହେମଗିରି ଉପ-ନିବନ୍ଧକଙ୍କ ଦ୍ୱାରା ଯାହା ବଜାର ମୂଲ୍ୟ ନିର୍ଦ୍ଧାରିତ କରାଯାଇଥିବ କ୍ଷତିପୂରଣ ହିସାବ କରିବା ନିମନ୍ତେ ଜିଏମଡିସି ତାହାକୁ ଆଧାର କରି କ୍ଷତିପୂରଣ ପ୍ରଦାନ କରିବ। ସ୍ଥିରୀକୃତ ବଜାର ମୂଲ୍ୟ ଉପରେ ୧୨ ପ୍ରତିଶତ ହିସାବ କରି ଅତିରିକ୍ତ ବଜାର ମୂଲ୍ୟ ପ୍ରଦାନ କରାଯିବ। କମ୍ପାନୀ ବୈଠକରେ ଦେଇଥିବା ପ୍ରସ୍ତାବ ଅନୁଯାୟୀ ପ୍ରଭାବିତ ଗ୍ରାମବାସୀ ଜମି ବାବଦକୁ କ୍ଷତିପୂରଣ ବେଞ୍ଚ ମାର୍କ ମୂଲ୍ୟ (ବିଏମଭି) ର ଚାରିଗୁଣ ପ୍ରଦାନ କରାଯିବ । ଜମିର ମୂଲ୍ୟ ସହିତ ପ୍ରଭାବିତ ପରିବାରମାନେ ଜମି ସଂଲଗ୍ନିତ ସମ୍ପତ୍ତି ଯଥା ଗୃହ ଓ ବୃକ୍ଷ ଇତ୍ୟାଦିର ଆକଳିତ ମୂଲ୍ୟର ୨ଗୁଣ ପାଇବେ। ଏହାସହିତ ବିସ୍ଥାପିତଙ୍କ ପାଇଁ କମ୍ପାନୀ ୨ଟି ବିକଳ୍ପ ପ୍ରସ୍ତାବ ଦ୍ୱାରା ସହାୟତା ରାଶି ପ୍ରଦାନ କରିବ ବୋଲି ଗ୍ରାମବାସୀଙ୍କୁ ସୂଚନା ଦେଇଛି। ଝାରପଲଙ୍କ, ଭୋଗରାକଚ୍ଛାର ଓ ମୁଣ୍ଡେରଖେତ ଗ୍ରାମରେ ଅନୁଷ୍ଠିତ ପୃଥକ ପୃଥକ ବୈଠକରେ ୫୦୦ରୁ ଉଭୟ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଜିଏମଡିସି ତରଫରୁ ଗ୍ରାମ ବୈଠକରେ ପୁନର୍ବାସ ଏବଂ ପୁନଃଥଇଥାନ ପ୍ୟାକେଜ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ସମସ୍ତ ଗ୍ରାମରେ ବିସ୍ଥାପିତ ପ୍ରକ୍ରିୟା ଓ କ୍ଷତିପୂରଣ ବିଷୟରେ ଶାନ୍ତିପୂର୍ଣ୍ଣ ଓ ସକରାତ୍ମକ ଆଲୋଚନା ହୋଇଥିଲା । ବୁଢ଼ାପାହାଡ କୋଇଲା ଖଣି ନିମନ୍ତେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୋଇଲା ଗଚ୍ଛିତ ଅଞ୍ଚଳ (ଅଧିଗ୍ରହଣ ଓ ଉନ୍ନୟନ) ଆଇନ, ୧୯୫୭ ୪ (୧) ବିଜ୍ଞପ୍ତି ତା- ୧୭ ମେ ୨୦୨୪ରେ ପ୍ରକାଶ ପାଇଛି। ତେଣୁ ଏହି ତାରିଖକୁ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଧାର୍ଯ୍ୟ ତାରିଖ ଗ୍ରହଣ କରାଯିବ। ଏହି ଧାର୍ଯ୍ୟ ତାରିଖ ପରେ ପ୍ରକଳ୍ପ ଅଞ୍ଚଳକୁ ଆସିଥିବା ପରିବାର କୌଣସି ପ୍ରକାର ସୁବିଧା ଓ ସୁଯୋଗ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ଜିଏମଡିସି କମ୍ପାନୀ ତରଫରୁ କୁହାଯାଇଛି। ଆଗାମୀ ଦିନରେ ଗ୍ରାମସଭା ଅନୁଷ୍ଠିତ ପରେ ସାମାଜିକ ଓ ଆର୍ଥିକ ଆକଳନ କରାଯାଇ ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ଲୋକଙ୍କୁ ଜମିର ଉଚିତ ମୂଲ୍ୟ ପ୍ରଦାନ କରାଯିବ। ଏଥିସହ ବିସ୍ଥାପିତ ପରିବାରଙ୍କୁ ଆରପିଡିଏସିରେ ଅନୁମୋଦିତ ପରେ ବିସ୍ଥାପିତ କରାଯିବ। ଏହି ସମସ୍ତ ବୈଠକରେ ଜିଏମଡିସି ତରଫରୁ ବୁଢାପାହାଡ କୋଇଲା ଖଣି ପ୍ରକଳ୍ପ ମୁଖ୍ୟ ବ୍ରିଗେଡର୍ ଆଶିଷ ନାଥ୍ ଝା, କ୍ୟାପଟେନ ରଣବୀର ସିଂହ, ବିଏନବି ପରିଚାଳନା ନିର୍ଦ୍ଦେଶକ ବିନୋଦ ଚନ୍ଦ୍ର ମିଶ୍ର ଓ ଅନ୍ୟାନ୍ୟ ପ୍ରମୁଖ କମ୍ପାନୀ ଅଧିକାରୀ ଉପସ୍ଥିତ ଥିଲେ।


ଗ୍ରାମବାସୀଙ୍କ ସହ ଅଧିକାରୀ ଆଲୋଚନା କରୁଛନ୍ତି।

**ବୁଢାପାହାଡ କୋଇଲା ଖଣି ଜମି ଅଧିଗ୍ରହଣ ପ୍ରସ୍ତୁତି ବୈଠକ**

# ଏକମା ହାଇସ୍କୁଲର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବଡ଼ଗାଁ, ୫।୨(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଏକମା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳ ହେବାକୁ ପ୍ରଚେଷ୍ଟା ଦରକାର କହିବା ସହ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହିରୋ, ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ପୁରୋହିତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁରେଶ କୁମାର ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ କ୍ଷୀରୋଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ପରିଚାଳନାରେ ଶିକ୍ଷକ ଫିରୋଜ କୁମାର ମାଝୀ, ସମ୍ପୂର୍ଣ୍ଣା ନାଏକ, ସୁକାନ୍ତି କୁଲୁ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଷ୍ଟମ ଶ୍ରେଣୀ ଛାତ୍ର ବିଜୁ ସରଲିଆଙ୍କୁ ଚମ୍ପିୟାନ ଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷକ ସଞ୍ଜୟ ଚୈଧୁରୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

## ଆରମ୍ଭ ହେଲା ରେଳ ଲାଇନ ନିର୍ମାଣ କାର୍ଯ୍ୟ

ବନ୍ଧମୁଣ୍ଡା,୫।୨(ସୁବ୍ରତ ଦେ) : ଡୁମେରତାରୁ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ରେଳ ଲାଇନ ନିର୍ମାଣରେ ଚାଲିଥିବା ବିବାଦ ମଧ୍ୟରେ ବୁଧବାର ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ସକାଳ ପ୍ରାୟ ୧୦ଟାରେ ମାଜିଷ୍ଟ୍ରେଟ ପୁରୁଷୋତ୍ତମ ନାୟକ, ରାଉରକେଲା ସହାୟକ ଏସପି ଆରକେ ମିଶ୍ର, ଡିଏସପି ନିର୍ମଳ ମହାପାତ୍ର, ବନ୍ଧମୁଣ୍ଡା ଥାନା ଅଧିକାରୀ ଶ୍ରୀକାନ୍ତ ନାୟକ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟ ପାଇଁ ମୋଟ ପାଞ୍ଚ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଥିଲା। ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜାନୁଆରୀ ୧୮ ତାରିଖରେ ବନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଗ୍ରାମସଭାର ଆୟୋଜନ କରାଯାଇଥିଲା। କିନ୍ତୁ ଏହି ଗ୍ରାମସଭାର ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଦ୍ୱାରରେ ତାଲା ପକାଇ ଦେଇଥିଲେ। ଯାହାଦ୍ୱାରା ଗ୍ରାମସଭାକୁ ଆସିଥିବା ସରକାରୀ ଅଧିକାରୀମାନେ ଖାଲି ହାତରେ ଫେରି ଯାଇଥିଲେ।

## ମାଘ ସପ୍ତମୀ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ

ଲହୁଣୀପଡା,୫।୨(ଦାଶରଥି ପଣ୍ଡା): ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ଥେଣ୍ଟେଇପୋଷ ଗ୍ରାମରେ ମାଘ ସପ୍ତମୀ ଉପଲକ୍ଷେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ ଗ୍ରାମର ଶତାଧିକ ମହିଳା, ବ୍ରତଧାରିମାନେ ନିକଟସ୍ଥ ନାଳରୁ ପୂର୍ଣ୍ଣ କଳସି ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହିତ ଯଜ୍ଞ ସ୍ଥଳରେ ପହଞ୍ଚିବା ପରେ ଘଟ ସ୍ଥାପନ ଓ ଅଧିବାସ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ନାମ ଯଜ୍ଞ କରାଯାଇଥିବା ବେଳେ ବୁଧବାର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନାମ ଯଜ୍ଞରେ ଉଲକେଣ୍ଟେଇ, କେନାପାଲି,ଲହୁଣୀପଡା, ଦର୍ଜିଂ,ଗୋପନା,କୁର୍ଡା,ରାଜାମୁଣ୍ଡା, ଥେଣ୍ଟେଇପୋଷ ଗ୍ରାମର କୀର୍ତ୍ତନ ମଣ୍ଡଳୀମାନେ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଏଥିରେ କର୍ତ୍ତାଭାବେ ଦ୍ୱିତୀୟା ମାହାନ୍ତ ଓ ସହଧର୍ମିଣୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କୈଶିକ ମାହାନ୍ତ, ନରହରି ପାତ୍ର,ନନ୍ଦଲାଲ ମହାକୁଳ, କ୍ଷେତ୍ର ମୋହନ ମାହାନ୍ତ, ନବୀନ ମାହାନ୍ତ ଦୋଳାନନ୍ଦ ମାହାନ୍ତ, କାର୍ତ୍ତିକ କେଶର ମାହାନ୍ତ, ଲୋକନାଥ ମାହାନ୍ତଙ୍କ ସହିତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭେଡାବାହାଲ ଯୁକ୍ତ ୨ କଲେଜର ରୌପ୍ୟ ଜୟନ୍ତୀ ସମାରୋହ

ସୁନ୍ଦରଗଡ,୫।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ବ୍ଲକ ଭେଡାବାହାଲ ସ୍ଥିତ ପଞ୍ଚାୟତ ସମିତି ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ଦିନ ବ୍ୟାପୀ ରୌପ୍ୟ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ଦିଲୀପ କୁମାର ହାତୀ ଯୋଗଦେଇ ସୁନ୍ଦରଗଡ ଅଞ୍ଚଳରେ ଏହି ଶିକ୍ଷାନୁଷ୍ଠାନ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ସୁନାମ ଅର୍ଜନ କରିପାରିଥିବା ନେଇ ଏହାର ପ୍ରତିଷ୍ଠାତା, ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଛାତ୍ରୀଛାତ୍ରମାନେ ଅଧ୍ୟୟନରେ ମନୋନିବେଶ କରି ଭବିଷ୍ୟତର ସୁନାଗରିକ ଭାବେ ଦେଶ ତଥା ସମାଜ ପ୍ରତି ନିଜର ଦାୟିତ୍ୱବୋଧ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ ସମାରୋହରେ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ସହ ବିଗତ ୩୦ବର୍ଷ ଧରି ଆଦିବାସୀ ଅଧ୍ୟୁଷିତ ଏହି ଜିଲାରେ ଶିକ୍ଷା ଦାନ କ୍ଷେତ୍ରରେ ଏହି ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନର ୨୫ବର୍ଷ ପୂର୍ତ୍ତୀ ଗତ୨୦୧୯ରେ ହୋଇଥିଲେ ହେଁ କରୋନା ମହାମାରୀ ଓ ପ୍ରତିଷ୍ଠାତା ସମ୍ପାଦକଙ୍କ ବିୟୋଗ ଯୋଗୁ ଚଳିତ ବର୍ଷ ଏହା ପାଳନ ହେଉଥିବା କହିଥିଲେ। ୩୦ବର୍ଷର ଏହି ଯାତ୍ରା ଭିତରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ପରିଚାଳନା କମିଟି ମଣ୍ଡଳୀ ତଥା ଗ୍ରାମବାସୀଙ୍କ ଉତ୍ସର୍ଗୀକୃତ ଅବଦାନ ପାଇ କୃତଜ୍ଞତା ଜଣାଇଥିଲେ।୧୯୯୪ରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ କଳା ବିଭାଗରେ ୧୬୦ ଓ ବିଜ୍ଞାନ ବିଭାଗର ୯୬ଟି ସିଟରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଚନ୍ଦ୍ରମଣି ପଟେଲଙ୍କ ସ୍ତ୍ରୀ ଶୋଭାଗିନୀ ପଟେଲ, ସ୍ୱର୍ଗତ ରବିନ୍ଦ୍ର ପଟେଲଙ୍କ ସ୍ତ୍ରୀ ସୁସ୍ମିତା ପଟେଲ, ସ୍ୱର୍ଗତ ଭାଗିରଥୀ ଶେଖରଦେଓଙ୍କ ସ୍ତ୍ରୀ ମୀନା ଶେଖରଦେଓଙ୍କ ସମେତ ଅନ୍ୟାନ୍ୟ ପୁରାତନ କର୍ମଚାରୀ ତଥା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସନ୍ଧ୍ୟାରେ ସ୍ୱନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଓ ଦଳ ସଙ୍ଗୀତ ପରିବେଷଣ କରିଥିଲେ।


କ୍ୟାପସନ ...............................

# କୋଇଲା ସାଇଡିଂକୁ ବିରୋଧ


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ହେମଗିର,୫।୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ ବରପାଲିଠାରେ କୋଇଲା ରେଲୱେ ସାଇଡିଂକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି। ଜିଲା ପ୍ରଶାସନ କିମ୍ବା ରେଲୱେ ପକ୍ଷରୁ କୌଣସି ପ୍ରକାର ଅନୁମତି ପତ୍ର ମିଳିନଥିବା ସହ ଗ୍ରାମସଭା ମଧ୍ୟ ହୋଇନ ଥିଲା। ଗ୍ରାମବାସୀମାନେ ଏହାକୁ ବିରୋଧ କରି ବୁଧବାର ଧାରଣା ଦେଇଛନ୍ତି। ଗାଁ ରାସ୍ତା ଦେଇ କୋଇଲା ପରିବହନ ହେଉଥିବା ବେଳେ ସାଇଡିଂ ଆଖପାଖରେ ଥିବା ସ୍କୁଲ, କଲେଜ ତଥା ଜନବସତି ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କୋଇଲା ସାଇଡିଂ ବନ୍ଦ କରା ନ ଗଲେ ରେଳ ରୋକୋ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ବେସରକାରୀ ଜମିରେ କୋଇଲା ପଡ଼ି ରହିଥିବାରୁ କୋଇଲା ସିଜ କରାଯିବା ନେଇ ମଧ୍ୟ ଦାବି ଜଣାଇଛନ୍ତି। ଆନ୍ଦୋଳନ ସ୍ଥଳରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ ।

# ଜିଲାସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ


ସୁନ୍ଦରଗଡ଼ ଜିଲାସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିମାନେ।


ବଡଗାଁରେ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।


କୁତ୍ରାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ସୁନ୍ଦରଗଡ଼,୫।୨(ଜୟ ନାରାୟଣ ମେଣ୍ଡୁଲି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଛନ୍ତି। ବୁଧବାର ଖୋର୍ଦ୍ଧା ଜିଲା ଜଙ୍କିଆ ଗ୍ରାମ ପଞ୍ଚାୟତଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ରାଜ୍ୟର ୩୦ଟି ଜିଲା ସାମିଲ ହୋଇଥିଲା। ସୁନ୍ଦରଗଡ଼ ଜିଲା ସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ସଦର ବ୍ଲକ କିରେଇ ପଞ୍ଚାୟତ ସ୍ଥିତ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ ଏବଂ ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ ଯୋଗ ଦେଇଥିଲେ। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ନିଜ ଅଭିଭାଷଣରେ କହିଥିଲେ, ଗାଁର ବିକାଶ ହେଲେ ସମଗ୍ର ଦେଶର ବିକାଶ ହେବ। ସରକାରଙ୍କ ଏହି ଅଭିନବ ଯୋଜନାରେ ସମସ୍ତେ ସାମିଲ ହୋଇ ନିଜ ଅଞ୍ଚଳର ବିକାଶର ଧାରାକୁ ଆଗେଇ ନେବାକୁ ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଗାଁର ପ୍ରତ୍ୟେକ ବର୍ଗର ଲୋକଙ୍କ ଭାଗିଦାରୀ ରହିବ। ଏହି କାର୍ଯ୍ୟକ୍ରମରେ ଜଲାର ସମସ୍ତ ବ୍ଲକ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। କାର୍ଯ୍ୟକ୍ରମରେ ପି ଆର ଆଇ ସଭ୍ୟ, ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ, ଜନସାଧାରଣ, ପଞ୍ଚାୟତ ସମିତିର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବଡ଼ଗାଁ,୫।୨(ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଭାଇସ ଚେୟାରମେନ ରଶ୍ମିତା ପଟେଲ, ବିଡିଓ ସୁମତି ପଣ୍ଡା, ତହସିଲଦାର ଝରଣା ପ୍ରଧାନ, ଏବିଡିଓ ଉଷାବତୀ ଗରଡିଆ, ବ୍ଲକ ସରପଞ୍ଚ ସଂଘର ସଭାପତି ଯୋଗେନ୍ଦ୍ର କିସାନ, ଏମପି ପ୍ରତିନିଧି ଶିଶିର ରାଉତରାୟଙ୍କ ସହିତ ସମସ୍ତ ସରପଞ୍ଚ, ସମିତି ମେମ୍ବର ଓ ବିଭିନ୍ନ ବିଭାଗର ବ୍ଲକ ଅଧିକାରୀ ଉଦ୍‌ଘାଟନ କରିଥିଲେ। ବିଡିଓ ସୁମତି ପଣ୍ଡା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ପୃଷ୍ଠଭୂମି ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ କହିଥିଲେ, ଗ୍ରାମସଭାରେ ରାସ୍ତାଘାଟ, ମଣ୍ଡପ ଓ ଆବଶ୍ୟକ କାର୍ଯ୍ୟ ପାଇଁ ପ୍ରସ୍ତାବ ଦେଇ ତାକୁ ସମିତି ବୈଠକରେ ମଞ୍ଜୁର କରି ପଠାଯିବ। ଆମେ ଖୁସି ଯେ ଏଥିରେ ଆମେ ଭାଗିଦାରୀ ହୋଇପାରିବା। ଆମ ସହଯୋଗରେ ଆମ ଗାଁ, ପଞ୍ଚାୟତ ଓ ବ୍ଲକ ବିକଶିତ ହେବା ସହ ରାଜ୍ୟର ବିକାଶ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟଦର୍ଶନୀ ବିଶି ଭଜନ ନୃତ୍ୟ ପରିବେଷଣ କରିଥିଲାବେଳେ ଡୁଡାଲଗା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଡୁଡାଲଗା ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ବୈଲୋଚନ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଲଇଡି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ନେତୃବୃନ୍ଦ ଏହି ଯୋଜନା ଉପରେ ଆଲୋକପାତ କରିଥିଲେ।

ବଣାଇଁ,(ପ୍ରଦୀପ ତ୍ରିପାଠୀ): ବଣାଇଁ ବ୍ଲକ ତରଫରୁ ରାଜା ଧରଣୀଧର ବହୁମୁଖୀ ଖେଳ ପଡିଆଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ପୂର୍ତ୍ତ ବିଭାଗ ରାଉରକେଲା ଅଧିକ୍ଷଣ ଯନ୍ତ୍ରୀ ଆଲୋକ କୁମାର ନାୟକ, ଭାଜପା ସାଙ୍ଗଠନିକ ଜିଲା ସଭାପତି ମୋନଜ କୁମାର ପ୍ରଧାନ, ଭାଜପା ରାଜ୍ୟ କାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ହେମନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଜନ ସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ, ସିଆରସିସି ଚତୁର୍ଭୁଜ ପାତ୍ର ପରିଚାଳନା କରିଥିଲେ ।

ହେମଗିର,(ଚୈତନ୍ୟ ପଟେଲ) : ହେମଗିର ବ୍ଲକ କାର୍ଯ୍ୟଳୟ ପରିସରରେ ଅନୁଷ୍ଠିତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତିନିଧି କଳା କଷ୍ଟ ଓରାମ, ବିଧାୟକ ପ୍ରତିନିଧି ସୁନୀଲ ପାଢଯୋଶି, ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ଜିଲା ପରିଷଦ ସଭ୍ୟା ମହିମା ସେଠ, ଜିଲା ପରିଷଦ ସଭ୍ୟ ଉଦିତ ନାଏକ, ହେମଗିର ବିଡିଓ ରିନା ନାଏକ, ଏବିଡିଓ ଜିତେନ୍ଦ୍ରିୟ ମୁଣ୍ଡା, ଏଇଇ ଚିନ୍ମୟ ମିଶ୍ର, ସମିତି ଓ ସରପଞ୍ଚ ସଭ୍ୟ ସଭ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ ।

କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ): କୁଆଁରମୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଶଙ୍କର ଓରାମ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର୍, ନେଭିଲ କେରକେଟା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା,ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ହରିହର ହାଇସ୍କୁଲର ବିଦ୍ୟାର୍ଥୀ ଓ ବିଭିନ୍ନ ସାଂସ୍କୃତିକ ଟିମ ପାରମ୍ପରିକ ନୃତ୍ୟ,ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଏବିଡିଓ ପ୍ରଶାନ୍ତ କୁମାର ଜେନା ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଆଇନ ଶୃଙ୍ଖଳା ବଜାୟ ନିମନ୍ତେ ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର,ଏଏସଆଇ ଶ୍ରୀନିବାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

କୁତ୍ରା,(ଦେବାଶିଷ ସାହୁ): କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ କୁତ୍ରା ବିଡିଓ ଯୁଗଳ କିଶୋର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା,ଜିଲାପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ,ଏବିଓ ଲକ୍ଷ୍ମଣ ଜାମୁଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

ଲହୁଣୀପଡା,(ଦାଶରଥି ପଣ୍ଡା): ଲହୁଣୀପଡା ବ୍ଲକ ପଡିଆଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ,ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ସହକାରୀ ଯନ୍ତ୍ରୀ ଜାଉରୁ ଏକ୍କା ଏପିଓ ବିଷ୍ଣୁ ମୋହନ ନାୟକ ଯୋଗ ଦେଇଥିଲ। କାର୍ଯ୍ୟକ୍ରମକୁ ବ୍ଲକର କର୍ମଚାରୀମାନେ ପରିଚାଳନା କରିଥିବାବେଳେ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ ବିଭିନ୍ନ ଗ୍ରାମରୁ ନୃତ୍ୟ ଦଳ ସମେତ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ।

# ଉତ୍ସବ ପ୍ରଧାନପାଟ-୨୦୨୫ ଉଦ୍‌ଯାପିତ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)




ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ଲୋକାରଣ୍ୟ ପାଲଟିଲା ଶେଷ ସନ୍ଧ୍ୟା
■ ଅର୍ଚ୍ଚନା ପାଢୀଙ୍କ ସଙ୍ଗୀତର ତାଳେ ତାଳେ ମତୁଆଲା ହେଲେ ଦର୍ଶକ
■ 'ଉତ୍ସବ ପ୍ରଧାନପାଟ-୨୦୨୫' ସ୍ମରଣିକା ଉନ୍ମୋଚନ

କଳା ଓ ସଂସ୍କୃତିର ପର୍ବ ଦେବଗଡ଼ ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୫' ବୁଧବାର ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଫେବୃଆରୀ ୧ରୁ ଆରମ୍ଭ ହୋଇଥିବା 'ଉତ୍ସବ ପ୍ରଧାନପାଟ' ୫ ଦିନ ବ୍ୟାପି ସ୍ଥାନୀୟ ବଡବଗିଚା ମୁକ୍ତାକାଶ ରଙ୍ଗମଞ୍ଚରେ ବେଶ୍ ଧୁମ୍‌ଧାମ୍ ସହ ଚାଲିଥିଲା। ଉପଜିଲାପାଳ ତଥା ଭାରପ୍ରାପ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପରକ୍ଷିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ପୂର୍ବତନ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିମାନଙ୍କୁ ଉପଢୌକନ ଏବଂ 'ଉତ୍ସବ ପ୍ରଧାନପାଟ' ସ୍ମାରକୀ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସଂଯୋଜନାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ 'ଉତ୍ସବ ପ୍ରଧାନପାଟ-୨୦୨୫' ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏଥିସହ କଳାକ୍ଷେତ୍ରରେ ଦେବଗଡ଼ର ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ ଏବଂ ସେବା କ୍ଷେତ୍ରରେ ନରେଶ କୁମାର ସାମଲଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତି ବିଭାଗ ପ୍ରାୟୋଜିତ ଗଞ୍ଜାମ ଦିଗପହଣ୍ଡି ବର୍ଣ୍ଣାଳୀ ନାଟ୍ୟ ସଂସଦ, କେନ୍ଦ୍ରାପଡା ଗଡମେକର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଦେବଗଡ଼ କର୍ଡାପାଳ ମଦରଟେରେସା ସଙ୍ଗଠନର ଆଦିବାସୀ ନୃତ୍ୟ, ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଓ ନୋଟାରି ଡେମ ଏକାଡେମୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଖୋର୍ଦ୍ଧା କଳାକାରଙ୍କ ପାଇକ ଆଖଡା, ଦେବଗଡ଼ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକ ସଙ୍ଗମ ଏଣ୍ଡ ସଙ୍ଗମ ଦ୍ୱାରା ବଜନିଆ ଏବଂ ନାଚିକା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ମୁଖ୍ୟ ଆକର୍ଷଣ ଅର୍ଚ୍ଚୀତା ପାଢୀଙ୍କ ସଙ୍ଗୀତର ତାଳେ ତାଳେ ବିଳମ୍ବିତ ରାତି ଯାଏଁ ହଜାର ହଜାର ଦର୍ଶକ ମତୁଆଲା ହୋଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟା ଥିବାରୁ 'ଉତ୍ସବ ପ୍ରଧାନପାଟ' ଲୋକାରଣ୍ୟ ପାଲଟି ଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାରୁ ଜନସାଧାରଣ ଭଲିକି ଭଲି ସାମଗ୍ରୀ କିଣିବାର ସୁଯୋଗ ପାଇଥିଲେ। ଏଥିସହ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଷ୍ଟଲ, ମୀନାବଜାର, ଖାଦ୍ୟ ମେଳା ବୁଲି ପରିବାର ତଥା ସାଙ୍ଗସାଥିଙ୍କ ସହ ମଜା ଉଠାଇଥିଲେ।



ଅତିଥିଙ୍କ ଦ୍ୱାରା 'ଉତ୍ସବ ପ୍ରଧାନପାଟ-୨୦୨୫' ସ୍ମରଣିକା ଉନ୍ମୋଚନ କରାଯାଉଛି।

# ବିକଶିତ ଗାଁ ବିକଶିତ ଓଡ଼ିଶା ଅଭିଯାନ

ଝାରସୁଗୁଡ଼ା,୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବେହେରାମାଲସ୍ଥିତ ନବ ଦାସ ଅଡିଟୋରିୟମ୍‌ରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସରେ ଏହାକୁ ଉଦ୍‌ଘାଟନ କରିଥିଲେ। ନବ ଦାସ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ରାଜ୍ୟ ଓ କେନ୍ଦ୍ରରେ ଚାଲିଥିବା ଡବଲ ଇଂଜିନ ସରକାରରେ ଓଡ଼ିଶାର ଉନ୍ନତି ଗାଁରୁ ଆରମ୍ଭ ହେବ ଏବଂ ଗାଁର ସମ୍ପୂର୍ଣ୍ଣ ବିକାଶ କରାଯାଇ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରାଯିବ। ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଭାରତରେ ୧ ନମ୍ବର କରାଯିବ। କାର୍ଯ୍ୟକ୍ରମରେ ଜିଲାପାଳ ଆବୋଲି ସୁନୀଲ ନରୱାଣେଙ୍କ ସହିତ ଜିଲାର ବହୁ ଅଧିକାରୀ ସାମିଲ ଥିଲେ। ଗାଁଗୁଡିକୁ ବିକଶିତ କରିବା ସହ ସୁଦୃଢ କରିବା ପାଇଁ ୫ବର୍ଷ ପାଇଁ ୫ ହଜାର କୋଟି ଟଙ୍କାର ବ୍ୟୟ ବରାଦରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ଏହି ଯୋଜନା ଝାରସୁଗୁଡ଼ା ଜିଲାରେ ସ୍ୱାଗତ କରାଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା, ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା। ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢୀକରଣ କରାଯିବ। ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ତୁରନ୍ତ କାର୍ଯ୍ୟକାରୀ କରି ଓଡ଼ିଶା ରାଜ୍ୟକୁ ଉନ୍ନତିର ଶିଖରରେ ପହଞ୍ଚାଯିବ।



କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଜିଲାପାଳ ଏବଂ ଛାତ୍ରୀଛାତ୍ରମାନେ।

# ବାଣିଜ୍ୟ ବିଭାଗ ପକ୍ଷରୁ କ୍ୟାରିୟର ଗାଇଡେନ୍ସ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ କ୍ୟାରିୟର ଗାଇଡେନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ତପନ କୁମାର ବାରିକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଝାରସୁଗୁଡ଼ାର ବରିଷ୍ଠ ଚାର୍ଟର ଆକାଉଣ୍ଟାଣ୍ଟ ହିମାଂଶୁ ଶେଖର ବଡ଼ପଣ୍ଡା ଯୋଗଦେଇ କହିଲେ ଯେ ଏକ ଭଲ କ୍ୟାରିୟର ଗଠନ ପାଇଁ ଶିକ୍ଷା, ଅଭିଜ୍ଞତା ଏବଂ ଯୋଗ୍ୟତା ବ୍ୟକ୍ତିର ସାମର୍ଥ୍ୟ ହୋଇଥାଏ, ଯେଉଁଥିରେ ଉଚିତ ଦିଗଦର୍ଶନ ଅତ୍ୟନ୍ତ ଜରୁରୀ। ନିଜ ରୁଚି, ଯୋଗ୍ୟତା ଏବଂ ଉପଲବ୍ଧ ସଂସାଧନ ଅନୁଯାୟୀ ଏକ ଉଚିତ କ୍ୟାରିୟର ଚୟନ କଲେ ଭବିଷ୍ୟତରେ କୌଣସି ଅସୁବିଧା ହେବନାହିଁ। ଅନ୍ୟତମ ବକ୍ତାଭାବେ ଅଭିଜ୍ଞ ଆର୍ଥିକ ପରାମର୍ଶଦାତା ଶୁଭାଶିଷ ହୋତା ଯୋଗଦେଇ ବିଶେଷ ଭାବେ ବାଣିଜ୍ୟ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ କ୍ୟାରିୟର ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୋନାଲି ସାମାରିଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଶ୍ରୀୟାଲକ୍ଷ୍ମୀ ପଣ୍ଡା ଅତିଥି ପରିଚୟ କରିଥଲେ। ଅଧ୍ୟାପକ ଡ. ଦେବୀ ପ୍ରସାଦ ବେହେରା, ଅଧ୍ୟାପିକା ସ୍ୱାଗତିକା ବାରିକ ଓ ଅଧ୍ୟାପକ ଅରୁଣ କେଶରୀ ସହଯୋଗ କରିଥିବା ବେଳେ ଅଧ୍ୟାପକ ଆଫ୍ଜର ଇକବାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଡେଇକେଲା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର କଣ୍ଡେଇକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଲରମ୍ଭା କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ନେପାଳ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଷ୍ଣବ ଭୋଇ, ସମ୍ମାନିତ ଅତିଥି ଭାବେ ଚକାନନ୍ଦ ସା, ଶେଷଦେବ ପ୍ରଧାନ, ଶିକ୍ଷକ ଗୁରୁଦେବ ଭୋଇ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଂସ୍କାର, ବିନୟ, ଆଗାମୀ ଦିନରେ ହେବାକୁ ଥିବା ପରିବର୍ତ୍ତନ, କର୍ତ୍ତବ୍ୟବୋଧ ଆଦି ଉପରେ ଉଦବୋଧନ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଦିନବନ୍ଧୁ ପ୍ରଧାନ ସଭାରେ ସଭାପତିତ୍ୱ ଏବଂ ସହକାରୀ ଶିକ୍ଷକ ସୁବାଷ ଶିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ଲେଖାଜ୍ୟୋତି ବାଗ, ସୁବଳ ପ୍ରଧାନ, ଧ୍ରୁବଚରଣ ଭୋଇ, ପରିଚାଳନା କମିଟି ସଭାପତି ଜୟନ୍ତ ପ୍ରଧାନ ପ୍ରମୁଖ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗୀତିନାଟ୍ୟ 'ଦାନବୀର ହରିଶ୍ଚନ୍ଦ୍ର' ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଅଭିଭାବକମାନଙ୍କ ସହିତ ଅନେକ ଗ୍ରାମବାସୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳ ଜଣେ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଦେବଗଡ଼ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଶ୍ରମ ସଂସ୍ଥାପକ ଇତିଶ୍ରୀ ଗାଗରାଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଓ ବରେଣ୍ୟ ଅତିଥି ଭାବେ ଏମ୍‌ପିଙ୍କ ନମିନୀ ଅରୁଣ କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ଏଥିସହ ଓଡ଼ିଶା ସରକାର ନିର୍ମାଣ ଶ୍ରମିକମାନଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ସହାୟତା ଯୋଜନା ଓ ଏହାର ସୁଫଳ ପାଇବା ପାଇଁ ନିଜକୁ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ କରନ୍ତୁ ବୋଲି କହିଥିଲେ। ଶ୍ରମିକମାନଙ୍କ ପାଇଁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତେଷ୍ଟିକ୍ରିୟା ସହାୟତା, ବିବାହ ସହାୟତା, ପ୍ରସୁତିକାଳୀନ ସହାୟତା ଉପରେ ଅତିଥିମାନେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷା ସହାୟତାରେ ୧୦୬ ଜଣଙ୍କୁ ୭, ୬୫, ୪୦୦ ଟଙ୍କା, ବିବାହ ସହାୟତାରେ ୨୩୪ଜଣଙ୍କୁ ୧, ୧୭, ୦୦, ୦୦୦ ଟଙ୍କା, ପ୍ରସୁତି କାଳୀନ ସହାୟତାରେ ୧୮ଜଣଙ୍କୁ ୧, ୮୦, ୦୦୦ ଟଙ୍କା, ମୃତ୍ୟୁକାଳୀନ ସହାୟତାରେ ୨୬ଜଣଙ୍କୁ ୫୨, ୦୦,୦୦୦ ଟଙ୍କା ଓ ଅନ୍ତେଷ୍ଟିକ୍ରିୟା ସହାୟତାରେ ୦୫ଜଣଙ୍କୁ ୨୫, ୦୦୦ ଟଙ୍କା ବାବଦକୁ ମୋଟ ୩୮୯ଜଣଙ୍କୁ ବିଭିନ୍ନ ଯୋଜନା ସହାୟତା ରାଶି ବାବଦକୁ ୧,୭୮,୭୦,୪୦୦ ଟଙ୍କା ରାଶି ହିତାଧିକାରୀମାନଙ୍କ ଜମା ଖାତାକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରମ ବିଭାଗର କର୍ମଚାରୀ, ୩ବ୍ଲକରୁ ଆସିଥିବା ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଗୁରୁସଙ୍ଗ ଗ୍ରାମରେ ପୂର୍ବ ଶତୃତାକୁ କେନ୍ଦ୍ର କରି ଜଣେ ୧୭ ବର୍ଷର ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ବାରକୋଟ ଥାନାରେ ବୁଧବାର ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଗୁରୁସଙ୍ଗ ଗ୍ରାମର କମଳ ଧଳଙ୍କ ପୁଅ ରାଜେଶ (୧୭) ଗାଁ ପଡିଆରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ସାଙ୍ଗଙ୍କ ସହିତ ଖେଳୁଥିବା ବେଳେ ସୁଭମ ସାହୁଙ୍କ ସହିତ ବଚସା ଏବଂ ହାତାହାତି ହୋଇଥିଲେ। ପରେ ସୁଭମ ତାଙ୍କ ଘରକୁ ଯାଇ ରାଜେଶ ବିରୋଧରେ ମିଛ କଥା କହିଥିଲେ। ଏହାକୁ କେନ୍ଦ୍ର କରି ବାପି ସାହୁ ଏବଂ ଚନ୍ଦ୍ର ବେହେରା ଲୁହା ରଡ ଏବଂ ପାହାର ଧରି ରାଜେଶଙ୍କ ଘର ସମ୍ମୁଖକୁ ଆସି ଗାଳିଗୁଲଜ କରିଥିଲେ। କିଛି ସମୟ ପରେ ଘର ଭିତରେ ପଶି ରାଜେଶଙ୍କୁ ଲୁହା ରଡ ଏବଂ ପାହାର ଯୋଗେ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିବା ବେଳେ ଅଚେତ ହୋଇ ତଳେ ପଡି ଯାଇଥିଲେ। ରାଜେଶଙ୍କ ମା' ଅନିତା ଛଡାଇବାକୁ ଆସିଥିବା ବେଳେ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ତେବେ ପରିବାର ଲୋକ ରାଜେଶଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାଜେଶଙ୍କ ବାପା କମଲ ବାହାରେ ରହି କାମ କରୁଥିବା ବେଳେ ସୂଚନା ପାଇ ପାଲଲହଡା ଡାକ୍ତରଖାନାକୁ ଆସି ଗୁରୁତର ଆହତ ପୁଅ ସହିତ ଆଲୋଚନା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ବାପି ଏବଂ ଚନ୍ଦ୍ରଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି।

# ୩୩/୧୧ କେ.ଭି. ପାୱାର ସବ୍‌ଷ୍ଟେଶନ ଉଦ୍‌ଘାଟିତ





ପାୱାର ସବ୍‌ଷ୍ଟେଶନ ଉଦ୍‌ଘାଟନ କରାଯାଉଛି।

ଝାରସୁଗୁଡ଼ା,୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ପୋଖରାସାଲେଠାରେ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ନୂତନ ୩୩/୧୧ କେ.ଭି. ପାୱାର ସବ୍‌ଷ୍ଟେଶନର ସ୍ଥାପନ କରାଯାଇଛି। ଏହା ଚାର୍ଜ କରାଯାଇ ୪ ତାରିଖଠାରୁ କାର୍ଯ୍ୟକ୍ଷମ କରାଯାଇଛି। କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଟିପିଡବ୍ଲ୍ୟୁଓଡିଏଲ ପରିଚାଳନା ବିଭାଗ ମୁଖ୍ୟ ଆଶିଷ କୁମାର ପାଟ୍ଟଯୋଶୀ ପାୱାର ସବ୍‌ଷ୍ଟେଶନ ଉଦ୍‌ଘାଟନ କରିଥିଲେ। ଏହି ନୂତନ ପିଏସ୍‌ଏସ୍ ଦ୍ୱାରା ଜିଲାର ପୋଖରାସାଲେ, ପଣ୍ଡାକିମାଲ୍, ଲାରିଆପାଲି, ଝିରଲାପାଲି, ଜୋଗିଆଡିହି ଏବଂ ଆଖପାଖ ଅଞ୍ଚଳର ଘରୋଇ ଏବଂ ବାଣିଜ୍ୟ ଉପଭୋକ୍ତା ସମେତ ପାଖାପାଖି ୫ ହଜାର ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ। ପୂର୍ବର ଏହି ଅଞ୍ଚଳକୁ ବିଦ୍ୟୁତ୍ ସେବା କୋଲାବିରା ପିଏସ୍‌ଏସ୍‌ରୁ ଯୋଗାଇ ଦିଆଯାଉଥିଲା। ଏହା ନିଶ୍ଚିତ ଭାବେ ଉପରୋକ୍ତ ସମସ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣର ଭୋଲଟେଜ୍ ପ୍ରୋଫାଇଲ୍ ଏବଂ ବିଶ୍ୱସନୀୟତାକୁ ବୃଦ୍ଧି କରିବ। ଝାରସୁଗୁଡ଼ା ଜିଲା ପାଇଁ କମ୍ପାନୀ ଏହାର ଭିତ୍ତିଭୂମି ବିକାଶ କାର୍ଯ୍ୟକଳାପକୁ ପ୍ରାଥମିକତା ଦେଇଛି ଏବଂ ପ୍ରକଳ୍ପ କାର୍ଯ୍ୟକାରୀ ଦଳକୁ ଯୋଜନାବଦ୍ଧ ସମୟ ମଧ୍ୟରେ ଏହିପରି ସମସ୍ତ ପଦକ୍ଷେପ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି।

# ବିଶ୍ୱ କର୍କଟ ରୋଗ ନିରାକରଣ ଦିବସ ପାଳିତ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ କର୍କଟ ରୋଗ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ ଓଝା, ଡାକ୍ତର ବଂଶୀଧର ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ମନୋରଞ୍ଜନ ସାମଲ ପ୍ରମୁଖ ମଞ୍ଚାସୀନ ରହି କର୍କଟ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ଉପରେ ଆଲୋକପାତ କରିଥିଲେ। କର୍କଟ ରୋଗ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇପାରିଲେ ଆରୋଗ୍ୟସାଧ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ମିନାକ୍ଷୀ ନର୍ସିଂ କଲେଜ ଛାତ୍ରୀ ଏବଂ ଜିଲାର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିବା ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥି ପରିଚାଳନା କରିଥିବା ବେଳେ ଡିଏଏମ ପରମେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)



ଖେଳକୁଦ ପ୍ରତିଯୋଗିତାରେ ସାମିଲ ଖେଳାଳି ଏବଂ ଅତିଥି।

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଓ ମୋ ଯୁବା ଭାରତ ପକ୍ଷରୁ ଆବାସିକ ଉଚ୍ଚ ବିଦ୍ୟାଳୟ ନୂଆଗାଁ ଖେଳ ପଡ଼ିଆଠାରେ କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯଶୋବନ୍ତ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ ଓ ବୁଦ୍ଧଦେବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଫୁଟବଲ୍, ୧୦୦ ମିଟର ଦୌଡ଼, ଝିଅମାନଙ୍କ ସାଇକେଲ ସ୍ଲୋ, ବ୍ୟାଡମିଣ୍ଟନ ଓ କବାଡି ଆଦି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ଯୋଗ୍ୟତା ପ୍ରମାଣ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଦୀପକ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବଳମ ଗ୍ରାମ ପଞ୍ଚାୟତ ସରପଞ୍ଚ ଅମୃତି ପାଇଁନାଏକ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ଗଡ଼ନାୟକ, ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ, ସହକାରୀ ଶିକ୍ଷକ ପ୍ରଶାନ୍ତ ସାହୁ, ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଶୁଭାରମ୍ଭ

ଦେବଗଡ଼,୫।୨(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲାରୁ ଆଭାସୀ ମାଧ୍ୟମରେ ବୁଧବାର ପୂର୍ବାହ୍ନ ୧୧ଟାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅଭିଯାନ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଦର ମହକୁମାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅଭିଯାନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ବ୍ଲକ ସଦର ମହକୁମାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ପରକ୍ଷିତ ସାହୁ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ସାମଲ, ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ତିଲେଇବଣି ଗୋଷ୍ଠି ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା ପ୍ରମୁଖ ମଞ୍ଚାସୀନ ରହିଥିଲେ। ତିଲେଇବଣି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କରକମଳରେ ବିକଶିତ ଗାଁ ବିକଶିତ ଓଡିଶା ଅଭିଯାନର ଶୁଭାରମ୍ଭ ହୋଇଥିବା ବେଳେ ଏହା ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ପାଲଟିବ ବୋଲି କୁହାଯାଇଥିଲା। ଏହି ଯୋଜନା ଗ୍ରାମୀଣ ଅଞ୍ଚଳରେ ବିକାଶର ଏକ ଉଦାହରଣ ସୃଷ୍ଟି କରିବା ସହିତ ଗ୍ରାମ ଓ ଗ୍ରାମବାସୀଙ୍କ ପ୍ରଗତି, ସୁବିଧା ଏବଂ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ମିଳନ ଦ୍ୱାରା ଓଡ଼ିଶା ୨୦୩୬ ମସିହାରେ ବିକଶିତ ଭବିଷ୍ୟତ ଗଢିବାରେ ସଫଳ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

